**ସଂକ୍ଷେପରେ**

## ଏକାମ୍ରରେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୧୨।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନ ମଣ୍ଡଳୀର ଭୀମଟାଙ୍ଗୀ ଏବଂ କପିଳେଶ୍ୱର ଅଞ୍ଚଳରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନତ୍ତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୱାର୍ଡ ନଂ.୬୧ ଭୀମଟାଙ୍ଗୀ ଅଞ୍ଚଳର ଫେଜ-୧ ସ୍ଥିତ ଲେନ-୧, ଏ ଏଲ-୧ ଠାରୁ ଏ ଏଲ-୧୯ ଏବଂ ଏ ଏଲ-୧୬୮, ଏଇ-୧୪୪ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ପେଭର ରାସ୍ତା ଉନ୍ନତ୍ତୀକରଣ ଏବଂ କପିଳେଶ୍ୱର ଏନ.ଏଚ-୨୦୩ ଠାରୁ କପିଳେଶ୍ୱର ଭାୟା ଶ୍ରୀରାମ ନଗର ଏବଂ କେଉଟସାହି, ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ମେୟର ସୁଲୋଚନା ଦାସ, କର୍ପୋରେଟର ଚନ୍ଦ୍ର ଶେଖର ମଲିଆ,ବିରଞ୍ଚି ନାରାୟଣ ମହାସୁପକାର, ଶିବ ନାରାୟଣ ରାୟ, ପୂର୍ବତନ କର୍ପୋରେଟର ସୁଭାଷିନୀ ପୃଷ୍ଟି, କୃଷ୍ଣ ଚନ୍ଦ୍ର ବଟୁ, ତୃପ୍ତି ମୟୀ ମକଦ୍ଦମ, ତାପସ ଦଳାଇ, ସୁରେନ୍ଦ୍ର ପ୍ରଧାନ, ପ୍ରସନ୍ନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ରେ ସୂର୍ଯ୍ୟକ୍ଷେତ୍ର ଜାତୀୟ ଉତ୍କର୍ଷତା ସମ୍ମାନ

ଭୁବନେଶ୍ୱର,୧୨।୧୨(ସୁଚିସ୍ମିତା ସାହୁ)

ଚଳିତବର୍ଷର ସୂର୍ଯ୍ୟକ୍ଷେତ୍ର ଜାତୀୟ ଉତ୍କର୍ଷତା ସମ୍ମାନ-୨୦୨୪ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଅନୁଷ୍ଠିତ ହେବ। ଏଥିରେ କଳା, ସାହିତ୍ୟ, ସଂସ୍କୃତି, ସମାଜସେବା, ସାମ୍ବାଦିକତା, ଉଦ୍ୟୋଗ ତଥା ବିଭିନ୍ନ କ୍ଷେତ୍ରରେ ସମାଜକୁ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ 'ଅକ୍ଷୟ ଶକ୍ତିର ଉତ୍ସ, ବ୍ୟବହାର ଓ ସୁଯୋଗ' ଶୀର୍ଷକ ଉପରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଆୟୋଜନ ହେବ ବୋଲି ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମଗ୍ର ବିଶ୍ୱରେ ଦେଖା ଯାଇଥିବା ଶକ୍ତି ସଙ୍କଟର ମୁକାବିଲା ପାଇଁ ଅକ୍ଷୟ ଶକ୍ତି ହିଁ ଏକମାତ୍ର ବିକଳ୍ପ। ସୌର ଶକ୍ତି, ପବନ ଶକ୍ତି, ଜଳ ଓ ଜୁଆର ଶକ୍ତିକୁ ବ୍ୟବହାର କରି ଆଗାମୀ ଦିନର ଶକ୍ତି ସଙ୍କଟ ଦୂର କରିବା ପାଇଁ କିଭଳି ଦୀର୍ଘମିଆଦୀ ଯୋଜନା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯିବ। ଫାଉଣ୍ଡେଶନ ପକ୍ଷରୁ ଏହିସବୁ ଯୋଜନା ଉପରେ କିଭଳି ଆଗାମୀ ଦିନରେ ଦୀର୍ଘସୂତ୍ରୀ ଯୋଜନା କାର୍ଯ୍ୟକାରୀ ହେବ ତାହା ଉପରେ ନିଷ୍ପତ୍ତି ନିଆଯିବ। ସେହିଭଳି ପ୍ରତିବର୍ଷ ଭଳି ଏବର୍ଷ ସୂର୍ଯ୍ୟକ୍ଷେତ୍ର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହେବ। ଚିତ୍ରାଙ୍କନ, ନୃତ୍ୟ, ସଂଗୀତ, କୌତୁକିଆ ପୋଷାକ ପରି ଆକର୍ଷଣୀୟ ପ୍ରତିଯୋଗିତାମାନ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଫାଉଣ୍ଡେଶନର ଓଡିଶା ମୁଖ୍ୟ ରବୀନ୍ଦ୍ରନାଥ ରାଉତରାୟ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସ୍ମାର୍ଟସିଟିରେ ମାଗଣା ୱାଇ-ଫାଇର ଠିକଣା ମିଳୁନି

ଭୁବନେଶ୍ୱର, ୧୨।୧୨ (ବନ୍ଦନା ସେଠୀ)

**ଖୋଜି ଖୋଜି ନିରାଶ ୟୁଜର୍ସ**

ସହରରେ ମାଗଣାରେ ୱାଇ-ଫାଇ ସେବା ଯୋଗାଉଛି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ଏଲ୍)। ରାଉଟର ଲାଗିଥିବା ସ୍ଥାନର ୫୦ ମିଟର ମଧ୍ୟରେ ଜଣେ ବ୍ୟକ୍ତି ଏହି ସେବା ପାଇପାରିବ। ମାତ୍ର ଏହି ମାଗଣା ସେବା କେଉଁଠି ମିଳୁଛି ଲୋକେ ତାହାର ଠିକଣା ଖୋଜିଖୋଜି ପାଉନାହାନ୍ତି। କାରଣ ସ୍ମାର୍ଟସିଟି ୱାଇ-ଫାଇର ରାଉଟର କେଉଁଠି ଲଗାଇଛି ତାହା କେହି ଜାଣି ନାହାନ୍ତି। ମାଗଣା ୱାଇ-ଫାଇ ନେଇ କୌଣସି ସ୍ଥାନରେ ସାଇନ୍‌ଏଜ୍‌ଟିଏ ବି ଦେଖିବାକୁ ମିଳୁନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଲୋକେ ଏବେ ଏହି ସେବା ଆବଶ୍ୟକ କରୁଥିଲାବେଳେ ସାଇନ୍‌ଏଜ୍ ନ ଥିବା କାରଣରୁ ହଇରାଣ ହେଉଛନ୍ତି। ତେଣୁ କେଉଁମାନେ ଏହି ସେବାର ଲାଭ ଉଠାଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅପରପକ୍ଷେ ୱାଇ-ଫାଇ ବାବଦରେ ସ୍ମାର୍ଟସିଟି ମାସକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛି।

ରାଜଧାନୀରେ ମୋଟ୍ ୫୧୮ଟି ସ୍ଥାନରେ ମାଗଣା ୱାଇ-ଫାଇ ସେବା ଉପଲବ୍ଧ ରହିଛି। ପ୍ରତ୍ୟେକ ବ୍ୟକ୍ତି ଦୈନିକ ୫୧୨ ଏମ୍‌ବି ଡାଟା ମାଗଣାରେ ବ୍ୟବହାର କରି ପାରିବେ। ଏହାସହିତ ୱାଇ-ଫାଇର ସ୍ପିଡ୍ ମଧ୍ୟ ୩୦ ଏମ୍‌ବିପିଏସ୍ ରହୁଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ସହରର ଅଧିକାଂଶ ଲୋକ ଏନେଇ ଜାଣି ନାହାନ୍ତି। କିଛିବର୍ଷ ତଳେ ମାଗଣା ଇଣ୍ଟରନେଟ୍ ସେବା ମିଳୁଥିବା ସ୍ଥାନରେ ଲୋକଙ୍କ ଭିଡ ହେଉଥିଲା। ପ୍ରାରମ୍ଭରୁ ଲକ୍ଷାଧିକ ଲୋକ ଏହି ସେବାକୁ ବ୍ୟବହାର କରୁଥିଲେ। ମାତ୍ର ଏବେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଏବଂ ଡାଟା ମୂଲ୍ୟ ଶସ୍ତା ଯୋଗୁଁ ମାଗଣା ଇଣ୍ଟରନେଟ୍ ମିଳୁଥିବା ସ୍ଥାନରେ ଲୋକେ ଆଉ ଭିଡ ଜମାଉ ନାହାନ୍ତି। ଏବେ ଦୈନିକ ମାତ୍ର ୧୭୦୦ରୁ ୧୬୦୦ ୟୁଜର୍ସ ଏହି ସେବା ବ୍ୟବହାର କରୁଛନ୍ତି। ଏହାର ସ୍ପିଡ୍ ମଧ୍ୟ କମ୍ ରହୁଛି ବୋଲି ଅନେକ ସମୟରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଲୋକମାନେ ମାଗଣା ସେବାକୁ କେବଳ ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର କରିବାକୁ ଚାହୁଁଛନ୍ତି। ମାତ୍ର ଏହି ସେବା କେଉଁ ଅଞ୍ଚଳରେ ମିଳୁଛି ତାହାର ସୂଚନା ଲୋକେ ପାଇ ପାରୁ ନଥିବା ଅଭିଯୋଗ ହୋଇଛି।

# ଜଳଯୋଗାଣ କର୍ମଚାରୀଙ୍କ ଧାରଣା




ଧାରଣାସ୍ଥଳରେ ପାନୀୟ ଜଳଯୋଗାଣ ଅସ୍ଥାୟୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୨।୧୨(ସୁଚିସ୍ମିତା ସାହୁ)

**ଦୁଇ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାନୀୟ ଜଳଯୋଗାଣ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ଦାବିରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଏକ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସଂଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ଆଶୋକ କୁମାର ମୁଦୁଲି ସୂଚନା ଦେଇଛନ୍ତି। ସଂଘର କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ, ହାଡ଼ିବନ୍ଧୁ ନାୟକ, ସୁଶାନ୍ତ କୁମାର ନାୟକ, ଜୟକୃଷ୍ଣ ପାଣିଗ୍ରାହୀ, ଶ୍ରୀବତ୍ସ ବେହୁରା, ଚିତ୍ରସେନ ନାୟକ, ସୁବାସ ଚନ୍ଦ୍ର ସାହୁ, ମାନସ ମହାନ୍ତି, ଶଶିକାନ୍ତ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ଧାରଣା ସ୍ଥଳରେ ସଂଘର ମୁଖ୍ୟ ଉପଦେଷ୍ଟା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ରାଜନୈତିକ ଦଳର ନେତୃତ୍ୱମାନେ ଯୋଗଦେଇ ଅସ୍ଥାୟୀ କର୍ମଚାରୀଙ୍କୁ ରେଗୁଲାର କରିବା ପାଇଁ ଦାବି ଉଠାଇଥିଲେ। ସଂଘର ଉପସଭାପତି ସୁଦର୍ଶନ ପ୍ରଧାନଙ୍କ ସଭାପତିତ୍ୱରେ ବିଷ୍ଣୁ ନାୟକ, ପ୍ରଫୁଲ୍ଲ ସାମଲ, ସାରଙ୍ଗଧର ସାହୁ, ପୂର୍ଣ ଚନ୍ଦ୍ର ମିଶ୍ର, ସୁଧୀର ପାଣିଗ୍ରାହୀ, ବିଜୟ କୁମାର ମଲ୍ଲିକ, ସୀମାଞ୍ଚଳ ପଣ୍ଡା, ତୋଫାନ ପ୍ରଧାନ, ଚନ୍ଦନ କୁମାର ପରିଡ଼ା, କଳ୍ପନା ମାର୍ଥା, ପ୍ରସନ୍ନ କୁମାର ପଣ୍ଡା, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ସଦାଶିବ ବିଶୋଇ, ପ୍ରଦୀପ କୁମାର ସିଂହ, ରଞ୍ଜନ କୁମାର ଯୋଶୀ, ଦୁର୍ଗାଚରଣ ଶତପଥୀ, ଅଶୋକ କୁମାର ମୁଦୁଲି, ଅଶୀଳ କୁମାର ବ୍ରହ୍ମ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ସଚିବାଳୟରେ ବିଭାଗୀୟ ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ନୃତ୍ୟ,ସଙ୍ଗୀତ, ନାଟକ ମହୋତ୍ସବ 'ତ୍ରିମୁଖୀ' ଉଦ୍‌ଯାପିତ





'ତ୍ରିମୁଖୀ'ର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୨।୧୨ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟାଞ୍ଜଳି ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା ୨ ଦିନିଆ ନୃତ୍ୟ,ସଙ୍ଗୀତ ଓ ନାଟକ ମହୋତ୍ସବ 'ତ୍ରିମୁଖୀ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବକୁ ନୃତ୍ୟଗୁରୁ ଭରତ ଗିରି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଭାଜପା ନେତା ସଜ୍ଜନ ଶର୍ମା, ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗା ଚରଣ ରଣବୀର, ଡ଼. ସ୍ନେହ ପ୍ରଭା ସାମନ୍ତରାୟ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡିଶୀ, ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ମଞ୍ଚ ଅଭିନୟର ସମ୍ମିଳିତ ସମାହାର ଦର୍ଶକ, ଶ୍ରୋତା ଓ ନାଟ୍ୟ ପ୍ରେମୀଙ୍କ ମନ ମୋହିଥିଲା। ନୃତ୍ୟାଞ୍ଜଳି ଅନୁଷ୍ଠାନର ସମ୍ପାଦକ ତଥା ଓଡିଶୀ ନୃତ୍ୟଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ସାମାଜିକ ସନ୍ଦେଶ ଭରା କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନୃତ୍ୟାୟନର ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଓଡିଶୀ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ଶିଷ୍ୟା ମିନାକ୍ଷୀ ରାଣୀ ଜେନାଙ୍କ ଓଡିଶୀ ଶଙ୍ଖନାଦ, ନୃତ୍ୟାନୁଷ୍ଠାନର ଶିଳ୍ପୀଙ୍କ ଦଳଗତ ଓଡିଶୀ, ଗୁରୁ ଅଙ୍କିତା ସାହୁଙ୍କ ପରିଚାଳିତ ନୃତ୍ୟ ସମର୍ପିତା ଅନୁଷ୍ଠାନ ଶିଳ୍ପୀଙ୍କ ଓଡିଶୀ ଓ ଲୋକନୃତ୍ୟ ବେଶ୍ ଚତ୍ତାକର୍ଷକ ଥିଲା।

## ବର୍ଦ୍ଧିତ ଗ୍ରାଚ୍ୟୁଇଟି ଦାବିକଲା ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘ

ଭୁବନେଶ୍ୱର, ୧୨।୧୨ (ବନ୍ଦନା ସେଠୀ)

ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘର ଦୀର୍ଘଦିନର ଦାବି ପୂରଣ ହୋଇପାରୁ ନାହିଁ। ସରକାରଙ୍କ ନିୟମ ଅନୁଯାୟୀ ଏମାନଙ୍କୁ ବର୍ଦ୍ଧିତ ଗ୍ରାଚ୍ୟୁଇଟି ବାବଦରେ ୧୫ଲକ୍ଷ ଟଙ୍କା ଦେବା, ପେନ୍‌ସନ୍ ବହି ପ୍ରଦାନ ଏବଂ ଅନ୍‌ଲାଇନ୍ ମାଧ୍ୟମରେ ଲାଇଫ୍ ସାର୍ଟିଫିକେଟର ଅନୁମତି ପ୍ରଦାନ ପାଇଁ ବିଏମ୍‌ସି ନିକଟରେ ବାରମ୍ବାର ଦାବି କରାଯାଉଛି। ବର୍ଦ୍ଧିତ ରାଶି ବିଏମ୍‌ସିର ନିଜସ୍ୱ ଫଣ୍ଡରୁ ଦିଆଯିବ ଏବଂ ଏଥିପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ରାଜି ଥିବାବେଳେ କେବଳ ଗୃହ ଓ ନଗର ଉନ୍ନୟନ ବିଭାଗର ଅନୁମୋଦନକୁ ଅପେକ୍ଷା କରାଯାଇଛି। ଇତିମଧ୍ୟରେ ବହୁ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ନ୍ୟାୟ ପାଇଁ ଅପେକ୍ଷା କରି ରହିଛନ୍ତି। ତେଣୁ ପୁନର୍ବାର ସଂଘ ପକ୍ଷରୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଦାବି ପୂରଣ ନେଇ ତୁରନ୍ତ ପଦକ୍ଷେପ ନେବାକୁ କମିଶନର ଅତିରିକ୍ତ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭାଗ ସହ ଯୋଗାଯୋଗ କରି ଯଥାଶୀଘ୍ର ଏହି ୩ ଦାବିର ସମାଧାନ କରିବାକୁ କମିଶନର ପ୍ରତିଶ୍ରୁତି ଦେଇଥିବା ସଂଘର ସାଧାରଣ ସମ୍ପାଦକ ବ୍ରଜସୁନ୍ଦର ପଣ୍ଡା, ଉପସଭାପତି ପ୍ରସନ୍ନ କୁମାର ମହାସୁଆର ଓ ସୁବାସ ଚନ୍ଦ୍ର ମଲ୍ଲିଆ, ଜଏଣ୍ଟ ସେକ୍ରେଟାରୀ ନାରାୟଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସୂଚନା ଦେଇଛନ୍ତି।

## ସିକ୍ୟୁରିଟି ସୁପରଭାଇଜରଙ୍କୁ ଛୁରାମାଡ, ୨ ଗିରଫ

ବାଲିଅନ୍ତା,୧୨।୧୨(ନୀଳମାଧବ ସାହୁ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ସଂସ୍ଥାର ସିକ୍ୟୁରିଟି ସୁପରଭାଇଜଙ୍କୁ ଛୁରା ମାଡ଼ କରିଥିବା ଅଭିଯୋଗରେ ପାହାଳ ଥାନା ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅଞ୍ଚଳର ଆଦିତ୍ୟ ପ୍ରସାଦ ସ୍ୱାଇଁ (୨୫) ଓ ଶଙ୍କର ପ୍ରଧାନ (୨୧)। ପୋଲିସ ଏହି ଘଟଣାରେ ବ୍ୟବହୃତ ଏକ ଛୁରୀ ଓ ଏକ ବାଇକ୍ ଜବତ କରି ୫୨୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଗତ ବୁଧବାର ରାତି ୮ଟା ୩୦ ସମୟରେ ସୁପରଭାଇଜର କେନ୍ଦ୍ରାପଡ଼ାର ରାଜକିଶୋର ସେନାପତି ପାହାଳସ୍ଥିତ ଏକ ସଂସ୍ଥାର ଗେଟ୍ ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ ଆଦିତ୍ୟ ଓ ଶଙ୍କର ଏକ ବାଇକ୍‌ରେ ସେଠାକୁ ପହଞ୍ଚିଥିଲେ। ଶଙ୍କର କିଛି ଦୂରରେ ରହିଥିବାବେଳେ ଆଦିତ୍ୟ ଏକୁଟିଆ ଗେଟ୍ ସମ୍ମୁଖକୁ ଆସି ରାଜକିଶୋରଙ୍କ ଛାତିକୁ ଛୁରୀ ମାରି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ରାଜକିଶୋରଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ପୂର୍ବରୁ ସେହି ସଂସ୍ଥାରେ ସିକ୍ୟୁରିଟିରେ କାର୍ଯ୍ୟ କରୁଥିବା ଆଦିତ୍ୟଙ୍କୁ ସନ୍ଦେହ କରି ରାଜକିଶୋର ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ତଦନ୍ତ କରି ୨ ଜଣଙ୍କୁ ଗିରଫ କରିଥିଲା।

# ଯୁଦ୍ଧପ୍ରମତ୍ତ ବିଶ୍ୱକୁ ଭାରତ ଗୀତା ଜରିଆରେ ଦିଗ୍‌ଦର୍ଶନ ଦେଇପାରିବ



ଭୁବନେଶ୍ୱର, ୧୦।୧୨ (ବନ୍ଦନା ସେଠୀ)

ଯୁଦ୍ଧପ୍ରମତ୍ତ ବିଶ୍ୱକୁ ଭାରତ ହିଁ ଦିଗ୍‌ଦର୍ଶନ ଦେଇପାରିବ। ସେ ଦୃଷ୍ଟିରୁ ଗୀତା ପଠନର ଆବଶ୍ୟକତା ରହିଛି। ଗୀତା ଜରିଆରେ ଭାରତ ହିଁ ସମଗ୍ର ବିଶ୍ୱରେ ଶାନ୍ତି ସ୍ଥାପନ କରିପାରିବ ବୋଲି ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଭାରତ ସେବକ ସମାଜ ସଂଘର ୧୦୯ତମ ଶତାବ୍ଦୀ ପାଳନ ଓ ଗୀତା ଜୟନ୍ତୀ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ 'ଶ୍ରୀମଦ୍ ଭଗବତ୍ ଗୀତାର ଶିକ୍ଷା ଓ ଆଜିର ପ୍ରାସଙ୍ଗିକତା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱଭୂଷଣ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ବିଶ୍ୱ ଏବେ ଦୁଇ ଭାଗରେ ବିଭକ୍ତ ହୋଇ ଆସନ୍ନ ବିଶ୍ୱଯୁଦ୍ଧ ଆଡକୁ ମୁହାଁଇ ଥାଆନ୍ତା। ମାତ୍ର ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟସ୍ଥତା ଯୋଗୁ ଯୁଦ୍ଧଖୋର ବିଶ୍ୱରେ ଶାନ୍ତି ସ୍ଥାପନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଏହା ଶ୍ରୀମଦ ଭଗବତ ଗୀତାର ପ୍ରଭାବ ବୋଲି ମନେହୁଏ। ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲେ ଆମ ଅର୍ଥନୀତି ଉପରେ ମଧ୍ୟ ପ୍ରଭାବ ପଡ଼ିଥାଆନ୍ତା ବୋଲି ସେ କହିଥିଲେ।

**ଭାରତ ସେବକ ସମାଜ ସଂଘ ପକ୍ଷରୁ ଗୀତା ଜୟନ୍ତୀ**

ସଂଘର ଭୁବନେଶ୍ୱର ଓ ବୃନ୍ଦାବନ ଶାଖା ସମ୍ପାଦକ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ ସ୍ୱାଗତ ଭାଷଣ ଦେଇ ଗୀତା ଜୟନ୍ତୀ ପାଳନ ଓ ସଂଘର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ସଂଘର ପ୍ରଚାରକ ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ ମଙ୍ଗଳାଚରଣ ଗାନ କରିଥିଲେ। ସଂଘର ରାୟପୁର ଶାଖା ଅଧ୍ୟକ୍ଷ ସ୍ୱାମୀ ଶିବପୁରାନନ୍ଦଜୀ ମହାରାଜ, ଝାଡ଼ଖଣ୍ଡ ଶାଖାର ସ୍ୱାମୀ ସିଦ୍ଧାର୍ଥାନନ୍ଦଜୀ ମହାରାଜ, ଭୁବନେଶ୍ୱରର ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଗୀତା ସମ୍ପର୍କରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମତାମତ ରଖିଥିଲେ। ଗୁରୁ କଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବାଚସ୍ପତି ସୁରମା ପାଢୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ଧୀରେନ୍ ରଥ ସଭା ପରିଚାଳନା କରିଥିଲେ।

## ଦୁର୍ଘଟଣା ପରେ ଓଲଟିଲା ଆଳୁ-ପିଆଜ ବୋଝେଇ ଟ୍ରକ୍

ଭୁବନେଶ୍ୱର,୧୨।୧୨ (ସୂର୍ଯ୍ୟକାନ୍ତ ବେହେରା)





ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଗୁରୁବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ଆଳୁ ଓ ପିଆଜ ବୋଝେଇ ଟ୍ରକକୁ ପଛରୁ ଅନ୍ୟଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ଆଳୁ-ପିଆଜ ଟ୍ରକ୍‌ଟି ଓଲଟି ପଡିଥିଲା। ଟ୍ରକ କ୍ୟାବିନ୍‌ରେ ଡ୍ରାଇଭର ଫସି ରହିଥିଲେ। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ତେବେ ଗାଡିରୁ ବସ୍ତା ବସ୍ତା ଆଳୁ ପିଆଜ ରାସ୍ତାରେ ପଡିବା ଫଳରେ କିଛି ସମୟ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ସୂଚନାନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆରୁ ଉକ୍ତ ଆଳୁ-ପିଆଜ ବୋଝେଇ ଟ୍ରକ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ତେବେ ଧକ୍କା ଦେଇଥିବା ଗାଡିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଚମ୍ପାନାହାକାଣୀ କ୍ଲବ୍ ପଦ୍ମକେଶରୀପୁର ଫାଇନାଲରେ ପ୍ରବେଶ

**ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୫ମ ଦିବସ**

ବାରଙ୍ଗ,୧୨।୧୨(ଲିଙ୍ଗରାଜ ରାଉତ)



ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୨୧ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ୫ମ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, କଂଗ୍ରେସ ନେତା କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ମ୍ୟାଚ୍‌ରେ ଜୟଦୁର୍ଗା କ୍ଲବ ଆମଣକୁ ୫-୪ ଟ୍ରାଇବ୍ରେକରରେ ହରାଇ ଚମ୍ପାନାହାକାଣି କ୍ଲବ ପଦ୍ମକେଶରୀପୁର ବି ଡିଭିଜନର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଏ ଡିଭିଜନର ଜୟ ଜଗନ୍ନାଥ କ୍ଲବ ମୁଣ୍ଡମୁହାଣ ୧-୦ ଗୋଲରେ ସିଜିୟୁ ୟୁନିଭରସାଲ ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ୧୦ନଂ. ଖେଳାଳି ରାଜେଶ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁପ୍ରିମ ଫୁଟବଲ କ୍ଲବ ବରାହିପୁର ୧-୦ ଗୋଲରେ ବଜରଙ୍ଗବାଲି କ୍ଲବ ଘାଟିକିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସୌମ୍ୟରଞ୍ଜନ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସହରାଞ୍ଚଳର ୱାଡିସି ମଣିପୁର ଦଳ ୧-୦ ଗୋଲରେ ରାଉରକେଲା ରେଡ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ୨୦ନଂ.ର ଜର୍ସି ଏସ୍. ମୀନା ବିଜୟସୂଚକ ଗୋଲ ଦେଇଥିଲେ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# ସାପ ଉଦ୍ଧାର ପ୍ରଶିକ୍ଷଣ ନେଲେ ଫରେଷ୍ଟର

ଭୁବନେଶ୍ୱର, ୧୨।୧୨(ବନ୍ଦନା ସେଠୀ)

ସାପ ଉଦ୍ଧାର ସହ ବନ୍ୟପ୍ରାଣୀ ଆଇନ ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି ଫରେଷ୍ଟର। ଘାଟିକିଆସ୍ଥିତ ଫରେଷ୍ଟର ଟ୍ରେନିଂ ସ୍କୁଲରେ ମଣିଷ-ବନ୍ୟପ୍ରାଣୀ ଦ୍ୱନ୍ଦ୍ୱ ସମ୍ପର୍କିତ ୩ ଦିନିଆ ରିଫ୍ରେଶର ଟ୍ରେନିଂ କୋର୍ସରେ ରାଜ୍ୟର ବିଭିନ୍ନ ଡିଭିଜନରୁ ଆସିଥିବା ୩୦ଜଣ ଫରେଷ୍ଟରଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ନେକ୍ ହେଲ୍ପ ଲାଇନ ସଂସ୍ଥା ପକ୍ଷରୁ ଏହି ଟ୍ରେନିଂ ଦିଆଯାଇଥିଲା। ସାପମାନଙ୍କର ପ୍ରକାରଭେଦ, ବିଷଧର ବନାମ ବିଷହୀନ ସାପ, ସାପ କାମୁଡ଼ିଲେ ବିଷ କ୍ରିୟାର ଲକ୍ଷଣ, ପ୍ରାଥମିକ ଚିକିତ୍ସା, ବିଷକ୍ରିୟା ଯୋଗୁ ଅଙ୍ଗହାନି ହେଲେ ବଞ୍ଚାଇବା ପାଇଁ ପ୍ଲାଷ୍ଟିକ ସର୍ଜରି ଆଦି ଅନେକ ବିଷୟରେ ଫରେଷ୍ଟରମାନେ ପ୍ରଶିକ୍ଷଣ ନେଇଥିଲେ। ଏଥିସହ ସାପଙ୍କୁ ନେଇ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ଥିବା ପ୍ରାବଧାନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ବନ୍ୟପ୍ରାଣୀ (ସଂରକ୍ଷଣ) (ଓଡ଼ିଶା) ରୁଲ୍‌ସ ୧୯୭୪ ଓ ଏଥିରେ ଥିବା ବିସଙ୍ଗତି ସମ୍ପର୍କରେ ସ୍ନେକ୍ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଅବଗତ କରାଇଥିଲେ। ୧୯୯୧ରୁ ବନ୍ୟପ୍ରାଣୀ ଆଇନରେ ସଂଶୋଧନକରି ହଣ୍ଟିଂ ବା ଶିକାରକୁ ନିଷେଧ କରାଯାଇଛି। ଫଳରେ ପୁରୁଣା ଆଇନରେ ଥିବା ୪ ପ୍ରକାର ଶିକାର ଲାଇସେନ୍ସ ଅକାମୀ ହୋଇଯାଇଛି। ମାତ୍ର ଦୁର୍ଭାଗ୍ୟଜନକ ଭାବରେ ଆଇନରେ ବୈଧାନିକ ପ୍ରାବଧାନ ନ ଥାଇ ମଧ୍ୟ ଓଡ଼ିଶାରେ ବନ ବିଭାଗ ଶିକାର ଲାଇସେନ୍ସ ପ୍ରଦାନ କରିବା ସହ ବେଆଇନ ଫି' ମଧ୍ୟ ଆଦାୟ କରୁଛି ବୋଲି ସେ ସୂଚନା ଦେଇଥିଲେ। ବନ ବିଭାଗ ଜାରି କରିଥିବା ସାପ ଉଦ୍ଧାର ଗାଇଡ୍‌ଲାଇନ୍‌ରେ ଥିବା ଆଇନଗତ ତ୍ରୁଟି ସମ୍ପର୍କରେ ଫରେଷ୍ଟରମାନେ ଅବଗତ ହେବା ସହ ଏନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ଏବଂ ସଂଯୋଜକ ସ୍ୱାଧୀନ କୁମାର ସାହୁ ଏହାର ଆଇନଗତ ଉତ୍ତର ରଖିଥିଲେ। ଶେଷରେ ଫରେଷ୍ଟରମାନଙ୍କୁ ପାରଦର୍ଶୀ ଢାଲ ସହାୟତାରେ ଅଜଗର ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାର ଅଭିନବ କୌଶଳ ଅଭ୍ୟାସ କରିଥିଲେ। ଫରେଷ୍ଟର ଟ୍ରେନିଂ ସ୍କୁଲର ନିର୍ଦ୍ଦେଶିକା ତଥା ଡିସିଏଫ୍ ଅମିତା ଦାସ ଟ୍ରେନିଂ ପରିଚାଳନା କରିଥିଲେ।



ସ୍ନେକ୍ ହେଲ୍ପ ଲାଇନ୍‌ର କର୍ମଚାରୀମାନେ ପ୍ରଶିକ୍ଷଣ ଦେଉଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୧୨।୨୦୨୪

| | |
|---|---|
| ୫,୬୦,୩୬୭ ଟଙ୍କା | |
| ସୁନା | ୧୨.୬୫୦ ଗ୍ରାମ୍ |
| ରୁପା | ୯୭.୭୦୦ ଗ୍ରାମ୍ |

# ସମସ୍ୟାଘେରରେ ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟ

ନିମାପଡ଼ା,୧୨।୧୨(ବିଚିତ୍ରାନନ୍ଦ ସାହୁ)




ନିମାପଡ଼ାସ୍ଥିତ ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଏକ ଅଗ୍ରଣୀ ପ୍ରତିଷ୍ଠିତ ମହିଳା କଲେଜ ଭାବେ ବେଶ୍ ଜଣାଶୁଣା। ଶିକ୍ଷାକ୍ଷେତ୍ରରେ ଏହି ମହିଳା କଲେଜର ଯଥେଷ୍ଟ ଖ୍ୟାତି ରହିଛି। କଲେଜଟି ୧୯୯୪ ମସିହାରେ ସ୍ଥାପିତ ହୋଇଥିବାବେଳେ ଏଥିରେ ଯୁକ୍ତ ୩ କଳା ଓ ବିଜ୍ଞାନ ବିଭାଗରେ ଅନ୍ୟୂନ ୧ହଜାର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ଏହି କଲେଜରେ ୨୬ ଅଧ୍ୟାପିକା ଅଧ୍ୟାପକ, ୨୩ ଜଣ ନନ୍ ଟିଚିଂ ଷ୍ଟାଫ୍‌ଙ୍କ ସମେତ ମୋଟ ୪୯ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଗ୍ରାମାଞ୍ଚଳରେ ନାରୀଶିକ୍ଷାର ବିକାଶ ପାଇଁ ଏହି କଲେଜଟି ସଙ୍କଳ୍ପବଦ୍ଧ।

ଦୁଃଖ ଓ ପରିତାପର ବିଷୟ ଏବେ ବି ଏହି ଶିକ୍ଷାନୁଷ୍ଠାନରେ ବହୁ ସମସ୍ୟା ରହିଛି। ଏହି କଲେଜରେ କମର୍ସ ବିଭାଗ ନ ଥିବାରୁ ବହୁ ଛାତ୍ରୀ କମର୍ସ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। କମ୍ପ୍ୟୁଟର ସାଇନ୍ସ, କନ୍‌ଫରେନ୍ସ ହଲ୍, ଭୂତତ୍ତ୍ୱ ବିଜ୍ଞାନ ବିଭାଗ, ଆଦର୍ଶ ଖେଳପଡ଼ିଆ ନ ଥିବାବେଳେ କଲେଜ ପରିସର ଓ ଚତୁଃପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ୍ୟ ନାହିଁ। ମୁଖ୍ୟତଃ କଲେଜ ଛାତ୍ରୀମାନେ ରହିବା ପାଇଁ ଛାତ୍ରୀନିବାସ ନ ଥିବାରୁ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କଲେଜରେ ଅଦ୍ୟାବଧି ସୁଇପର୍ ଓ ୱାଚମ୍ୟାନ ପୋଷ୍ଟ ମଧ୍ୟ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କଲେଜରେ ମୋଟରେ ୪୯ ଅଧିକାରୀ କାର୍ଯ୍ୟ କରୁଥିବାବେଳେ ତନ୍ମଧ୍ୟରୁ ମାତ୍ର ୧୨ ଅଧ୍ୟାପକ, କର୍ମଚାରୀ ସରକାରୀ ଅନୁଦାନ ପାଉଥିବାବେଳେ ଅଧିକାଂଶ କର୍ମଚାରୀ ସରକାରୀ ଅନୁଦାନରୁ ବଞ୍ଚିତ ଅଛନ୍ତି। ଏପରିକି ମହାବିଦ୍ୟାଳୟର ୨୫ କର୍ମଚାରୀ ଦୀର୍ଘ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ଅଦ୍ୟାବଧି ଏହି କର୍ମଚାରୀ ସରକାରୀ ଅନୁଦାନ ପାଇପାରି ନାହାନ୍ତି। କେବେ ସରକାରଙ୍କ ଅନୁଗ୍ରହ ହେବ, ଆଉ କେବେ ଏହି କର୍ମଚାରୀ ସରକାରୀ ଅନୁଦାନ ପାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପରିଚାଳନା କମିଟିର ସ୍ୱଳ୍ପ ବେତନରେ କର୍ମଚାରୀ ନିଷ୍ଠାପର ଭାବେ କାର୍ଯ୍ୟ କରିବା ସେମାନଙ୍କ ପାଇଁ ଦୁର୍ବିଷହ ହୋଇପଡ଼ିଛି। କଲେଜର ଅଧକ୍ଷା, ଅଧ୍ୟାପିକା, ଅଧ୍ୟାପକ,

### ନାହିଁ ଛାତ୍ରୀନିବାସ ଓ କମର୍ସ ବିଭାଗ

କର୍ମଚାରୀଙ୍କ ଆନ୍ତରିକ ଉଦ୍ୟମ, ପ୍ରଚେଷ୍ଟା, ନିଷ୍ଠା, ପରିଶ୍ରମ ଯୋଗୁ ଶିକ୍ଷାକ୍ଷେତ୍ରରେ ଓ ଭୌଗୋଳିକ ପରିସ୍ଥିତି ପରିବେଶ ଦୃଷ୍ଟିରୁ ଏହି କଲେଜଟି ଅନେକ ବିକାଶର ସୋପାନରେ ପହଞ୍ଚିପାରିଛି। କଲେଜ ୩୦ ବର୍ଷରେ ପଦାର୍ପଣ କରିଥିବାବେଳେ ମଧ୍ୟ ଏବେ ବି ବହୁସମସ୍ୟା ଭିତରେ ବୁଡ଼ି ରହିଛି।

ଏ ସମ୍ପର୍କରେ କଲେଜ ଅଧକ୍ଷା ଶ୍ରଦ୍ଧାଞ୍ଜଳି ସାହୁ କୁହନ୍ତି, କଲେଜର ବିଭିନ୍ନ ସମସ୍ୟା, ଅଭାବ, ଅସୁବିଧା ସମ୍ପର୍କରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ଏ ଦିଗରେ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ, ସଚିବ ଦୃଷ୍ଟିଦେଇ ଏହି କଲେଜର ବିଭିନ୍ନ ସମସ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବେଆଇନ ନିର୍ମାଣ ନେଇ ନୋଟିସ୍

ପୁରୀ,୧୨।୧୨(ଅଜିତ୍ କୁମାର ମହାନ୍ତି)

ସବୁ ନିୟମକାନୁନକୁ ବେଖାତିର କରି ପୌରପାଳିକାର ହାଡ଼ିଗୋହିରିରେ ଜମି ଜବରଦଖଲ ସହ ବାହାର ଜମିରେ ଚାଲିଛି ୩ମହଲା ବିଶିଷ୍ଟ କୋଠାନିର୍ମାଣ। ପୁରୀ ବଡ଼ଦାଣ୍ଡରେ ଥିବା ବ୍ୟବସାୟିକ ଅନୁଷ୍ଠାନ ନାୟକ ପ୍ଲାଜା ପକ୍ଷରୁ ବେଆଇନ ଭାବେ ଏହି କୋଠା ନିର୍ମାଣ କରାଯାଉଛି। ଅଭିଯୋଗ ପାଇବା ପରେ ଏନେଇ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ନାୟକ ପ୍ଲାଜା ମାଲିକ ଗିରିଶ ନାୟକଙ୍କୁ ନୋଟିସ ଜାରି କରିଛି।

ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ବା ପିକେଡିଏର ବିନା ଅନୁମତି ଓ ପ୍ଲାନ ନ ଥାଇ ଏହି ୩ମହଲା କୋଠା ନିର୍ମାଣ କରାଯାଉଛି। ଦଇତାପଡ଼ା ସାହି ପ୍ଲଟ୍ ନମ୍ବର ୯୨୪, ୧୪୪୨, ୧୪୪ରେ ଏହି ନିର୍ମାଣ କରାଯାଉଛି। ତୁରନ୍ତ ଏହି ବେଆଇନ ନିର୍ମାଣ ବନ୍ଦ କରିବା ସହ ୧୭ ତାରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଜାରି କରାଯାଇଛି।

ଏନେଇ ପିକେଡିଏର ସଚିବ ମାୟାଧର ବେହେରା କହିଛନ୍ତି, ବଡ଼ଦାଣ୍ଡ ଉପରେ ଥିବା ହୋଟେଲ ନାୟକ ପ୍ଲାଜା ପକ୍ଷରୁ ବେଆଇନ ଭାବେ ନିର୍ମାଣ କରାଯାଉଛି। ଏନେଇ ହୋଟେଲ ମାଲିକ ଗିରିଶ ଚନ୍ଦ୍ର ନାୟକଙ୍କୁ ନୋଟିସ୍ ଜାରି କରାଯାଇଛି। ୧୭ ତାରିଖ ମଧ୍ୟରେ ସେ ଉପସ୍ଥିତ ହୋଇ ତାଙ୍କ ନିକଟରେ ଥିବା ନିର୍ମାଣ ସମ୍ପର୍କିତ କାଗଜପତ୍ର ଦର୍ଶାଇବେ। ଯଦି କାଗଜପତ୍ର ନ ଦେଇପାରିବେ ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ବେହେରା କହିଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନକଲେ ଆସାମ ମୁଖ୍ୟମନ୍ତ୍ରୀ

ପୁରୀ,୧୨।୧୨(ଅଜିତ୍ କୁମାର ମହାନ୍ତି)

୨ଦିନିଆ ଗସ୍ତରେ ଆସିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୁରୁବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ବିଶ୍ୱଶର୍ମା କଡ଼ାସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ବାଇଶିପାହାଚ ଦେଇ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ବିଶ୍ୱଶର୍ମା କହିଛନ୍ତି, ଭାଜପା ସରକାର ଗଠନକୁ ୬ ମାସ ପୂରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଆସିବାର ସୌଭାଗ୍ୟ ମିଳିଛି। ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦ ଲାଗୁଛି। ରାଜ୍ୟ ଓ ଦେଶରେ ଶାନ୍ତି, ସୁଖ, ସମୃଦ୍ଧି ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି।

### କୋଣାର୍କ ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ ଓ ସାଙ୍ଗଠନିକ ବୈଠକ

କୋଣାର୍କ,୧୨।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ଓ ସାଙ୍ଗଠନିକ ବୈଠକ ଗୁରୁବାର ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ନିରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ ଓ ଆଲୋଚନା କରାଯାଇ ସଂଘର ସଭାପତି ଭାବେ ଜ୍ୟୋତିରାଜ ମହାନ୍ତି, ଉପସଭାପତି ଭାବେ ଭାଗୀରଥି ସ୍ୱାଇଁ, ସମ୍ପାଦକ ଭାବେ ମନୋରଞ୍ଜନ ପଣ୍ଡା, କୋଷାଧକ୍ଷ ଭାବେ ସ୍ୱାଧୀନ କୁମାର ନାୟକ, ମୁଖ୍ୟ ଉପଦେଷ୍ଟା ଭାବେ ମାନସ ରଞ୍ଜନ ପାତ୍ର, ନିରଞ୍ଜନ ବାରିକ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା। ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଖବରଦାତା ପ୍ରଦୀପ କୁମାର ଛାଟୋଇ, ଗଣେଶ ଚନ୍ଦ୍ର ବେହେରା, ଅରୁଣ କୁମାର ବିଶ୍ୱାଳ, ରୀତାରାଣୀ ସେଠ୍, ଦେବ ପ୍ରସାଦ ବେଉରା, ଅରୁନାଭ କର ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ଜନକଲ୍ୟାଣକାରୀ ସାମାଜିକ କାର୍ଯ୍ୟକ୍ରମ, କୋଣାର୍କର ବିକାଶ ପାଇଁ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ସଂଘ ପକ୍ଷରୁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବାକୁ ବୈଠକରେ ସମସ୍ତ କର୍ମକର୍ତ୍ତା ଶପଥ ପାଠ କରିଥିଲେ। ବୈଠକରେ ସଂଗଠନର ଆଗାମୀ ୨ବର୍ଷ ପାଇଁ କାର୍ଯ୍ୟପନ୍ଥା ଓ ରଣନୀତି ପ୍ରସ୍ତୁତ କରାଯାଇଥିଲା।



ପୁରୀ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି ।

# ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପନ୍ନ

ପୁରୀ,୧୨।୧୨(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତିଗୁଡ଼ିକ ମଧ୍ୟରେ ଏହିନୀତିଅନ୍ୟତମ। ଦଇତମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣିପଡ଼ି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନ କରିବା ନିମନ୍ତେ ସନ୍ଧ୍ୟା ୬ ଟା ୫୦ରେ ଦଇତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଥାଏ। କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା। ଏହା ଗୁପ୍ତନୀତି ହୋଇଥିବାରୁ ନୀତିସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ରାତି ପ୍ରାୟ ୮ଟା ୩୦ ସମୟରେ ଠାକୁରଙ୍କ ବନକ ଲାଗି ନୀତି ସମ୍ପନ୍ନ ହୋଇଥିଲା। ଦଇତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

# ଲାଗି ହେଲା ୭୫ ପ୍ରକାର ବ୍ୟଞ୍ଜନ

ଡେଲାଙ୍ଗ,୧୨।୧୨(ରଶ୍ମିରଞ୍ଜନ ପ୍ରଧାନ)

### ଘୋରଡ଼ିଆ ଶ୍ରୀରାଧାକାନ୍ତ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ

ଗୌଡ଼ୀୟ ବୈଷ୍ଣବ ବିଶ୍ୱାସ ଅନୁସାରେ ଡେଲାଙ୍ଗ ବ୍ଲକ୍ ଘୋରଡ଼ିଆ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀରାଧାକାନ୍ତ ଦେବଙ୍କ ମନ୍ଦିରରେ ଗୁରୁବାର ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦ୍ୱାପର ଯୁଗରେ ମା' ଯଶୋଦା, ପୁତ୍ର ଶ୍ରୀକୃଷ୍ଣଙ୍କୁ ମାର୍ଗଶିର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅନେକ ପ୍ରକାର ସୁସ୍ୱାଦୁ ବଞ୍ଜନ ସ୍ୱହସ୍ତରେ ପ୍ରସ୍ତୁତ କରି ଖୁଆଇଥିବା ପୌରାଣିକ ଆଖ୍ୟାନ କ୍ରମେ ଓଡ଼ିଶାରେ ପ୍ରତିଷ୍ଠିତ ବିଷ୍ଣୁ ମନ୍ଦିରରେ ଏହି ପର୍ବ ପାଳିତ ହୋଇ ଆସୁଛି। ରାତି ପ୍ରାୟ ୪ଟା ବେଳୁ ମହାପ୍ରଭୁଙ୍କ ମଙ୍ଗଳଆଳତି ପରେ ପରେ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଚଳିତ ବର୍ଷ ବିଭିନ୍ନ ପ୍ରକାର ଅନ୍ନ, ଡାଲି, ଡାଲମା, ଭଜା, ତରକାରି, ଖଟା, ଶାଗ, ଫଳ, ପିଠା, ଖିରି (ତଷମି), ଚୁଡ଼ାଘଷା, ଖଇ, କୋରା ଆଦି ୭୫ ପ୍ରକାର ବ୍ୟଞ୍ଜନ ଭୋଗଲାଗି କରାଯାଇଥିଲା। ପୂଜକ



ଦୁର୍ଗାପ୍ରସାଦ ଦାଶ ଭୋଗଲାଗି କରିଥିଲାବେଳେ ପଣ୍ଡିତ ତ୍ରିବିକ୍ରମ ମିଶ୍ର ସହଯୋଗ କରିଥିଲେ। ମନ୍ଦିରର ମୁଖ୍ୟ ଟ୍ରଷ୍ଟ ଦେବଜ୍ୟୋତି ପଟ୍ଟନାୟକ, ତାଙ୍କ ବନ୍ଧୁ ଦିଲ୍ଲୀପ ମୋଟୱାନୀ, ମାନସ ମୋଟୱାନୀ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଦୀପ୍ତି ପଟ୍ଟନାୟକ, ପରିଚାଳକ ଦୁଃଶାସନ ମଙ୍ଗରାଜଙ୍କ ସମେତ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରୀରାଧାକାନ୍ତଙ୍କୁ ଦର୍ଶନ କରିବା ସହ ପ୍ରସାଦ ପାଇଥିଲେ। ଖବରଦାତା ପ୍ରସନ୍ନ ତ୍ରିପାଠୀ, ଦିଲୀପ ଧାଉଡ଼ିଆ, ରଶ୍ମିରଞ୍ଜନ ପ୍ରଧାନ, ପ୍ରାକ୍ତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ମଠ ଓ ମନ୍ଦିରର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ।

# ଶ୍ରୀକ୍ଷେତ୍ରରୁ ସାକ୍ଷୀଗୋପାଳ ମନ୍ଦିରକୁ ଗଡ଼ିବ ମୋ ବସ୍

ସାକ୍ଷୀଗୋପାଳ,୧୨।୧୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଶ୍ରୀକ୍ଷେତ୍ରରୁ ସାକ୍ଷୀଗୋପାଳ ମନ୍ଦିରକୁ ଗଡ଼ିବ ମୋ ବସ୍। ଏନେଇ ଗୁରୁବାର ପୁରୀ ମୋ ବସ୍ ୟୁନିଟ୍‌ର ଏକ ବସ୍ ବଡ଼ଦାଣ୍ଡରୁ ପରୀକ୍ଷାମୂଳକ ସର୍ଭେ ପାଇଁ ବାହାରି ସାକ୍ଷୀଗୋପାଳ ମନ୍ଦିର ନିକଟରେ ପହଞ୍ଚିଥିଲା। ଆଗାମୀ ୨/୩ ଦିନ ମଧ୍ୟରେ ଶ୍ରୀକ୍ଷେତ୍ରରୁ ଏହି ବସ୍ ପ୍ରତ୍ୟହ ସାକ୍ଷୀଗୋପାଳ ମନ୍ଦିରକୁ ଚଳାଚଳ କରିବ ବୋଲି ବସ୍‌ରେ ଆସିଥିବା କର୍ମଚାରୀ ସୂଚନା ଦେଇଥିଲେ। ଏଥିସହିତ ପୁରୀରୁ ସାକ୍ଷୀଗୋପାଳ ମଧ୍ୟରେ ବିଭିନ୍ନ ବସ୍ ଷ୍ଟପେଜରୁ ଯାତ୍ରୀମାନେ ଏହି ବସ୍‌ରେ ଯାତାୟାତ କରିପାରିବେ। ତେବେ ସେମାନେ ବସ୍ ରୁଟ୍ ଓ ଷ୍ଟପେଜ୍ ଲିଷ୍ଟ ସହ ଏହି ସର୍ଭେ କରିଥିବା ଦେଖାଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ତୀର୍ଥଯାତ୍ରୀ ସାକ୍ଷୀ ଦେବାକୁ ଶ୍ରୀସାକ୍ଷୀଗୋପାଳ ମନ୍ଦିରରେ ସୁବିଧାରେ ପହଞ୍ଚିପାରିବେ। ସେହିପରି ସ୍ଥାନୀୟ ଜନସାଧାରଣ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ, କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀ ଏହାର ସୁଫଳ ପାଇବା ନେଇ ଆଶା କରାଯାଉଛି।

# ଆକର୍ଷଣୀୟ, ଲୋକାଭିମୁଖୀ ହେବ ନିମାପଡ଼ା ମହୋତ୍ସବ



ବୈଠକରେ ଉପମୁଖ୍ୟମନ୍ତ୍ରୀ ଓ ମଞ୍ଚାସୀନ ଅନ୍ୟ ଅତିଥି।

ନିମାପଡ଼ା,୧୨।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ମହୋତ୍ସବ କମିଟି, ହେଲ୍ପଲାଇନ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୨୪ତମ ନିମାପଡ଼ା ମହୋତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ପାରମ୍ପରିକ ମହୋତ୍ସବକୁ ଅଧିକ ଆକର୍ଷଣୀୟ, ସରସ ସୁନ୍ଦର, ଲୋକାଭିମୁଖୀ କରାଯିବା ସହ ଆଲୋକସଜ୍ଜାରେ ସମଗ୍ର ନିମାପଡ଼ା ଝଲସିବ। ଏନେଇ ନିମାପଡ଼ା ବ୍ଲକ ସଭାଗୃହରେ ଗୁରୁବାର ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ମହୋତ୍ସବ କମିଟି ସଭାପତି ତଥା ସ୍ଥାନୀୟ ବିଧାୟିକା ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହୋତ୍ସବକୁ ସର୍ବାଙ୍ଗକରଣରେ ସଫଳ କରିବାକୁ ପରିଡ଼ା ସମଗ୍ର ନିମାପଡ଼ାବାସୀ, ସରକାରୀ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ, ବ୍ୟାଙ୍କ, ବ୍ୟବସାୟୀ ସଂଘକୁ ସହଯୋଗ କାମନା କରିଛନ୍ତି। ଉଦ୍‌ଘାଟନ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ। ବମ୍ବେର ଏକ ଖ୍ୟାତନାମା ସଙ୍ଗୀତ ଟିମ୍ ଯୋଗଦେଇ ନୃତ୍ୟ ସଙ୍ଗୀତ ପରିବେଷଣ କରିବା ସହ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କଳାକାର ଯୋଗଦେଇ କଳାନୈପୁଣ୍ୟ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ସମୟରେ ୪ଦିନ ଧରି ବାରବାଟୀ-୨ ପଡ଼ିଆରେ ପଲିଶ୍ରୀ ମେଳା, ମୀନାବଜାର ଏବଂ ଅପେରା ପରିବେଷଣ କରାଯିବ। ସଭାରେ ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ସମ୍ପାଦକ ନିଗମାନନ୍ଦ ସାହୁ ହେଲ୍ପଲାଇନ ସଭାପତି ଅକ୍ଷୟ ସାହୁ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ପୋଲିସ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଜଳ ସମ୍ପଦ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର (ଏସ୍‌ଇ) ବୈକୁଣ୍ଠନାଥ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ବେହେରା, ୱାରକୋର ମ୍ୟାନେଜର ପ୍ରଫୁଲ୍ଲ ବେହେରା, ସିଡିପିଓ ମାଧବୀ ମହାପାତ୍ର, ବିପିଏମ୍ ମୋନାଲିସା ତ୍ରିପାଠୀ, ଅତିରିକ୍ତ ବିଡିଓ ପ୍ରିୟଦର୍ଶନୀ ବରାଳଙ୍କ ସମେତ ବିଭିନ୍ନ ବିଭାଗୀୟ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

# ୧୫୮ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

ଗୋପ,୧୨।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

ପୋଷାକ କେବଳ ଶରୀରକୁ ସୁନ୍ଦର କରି ନ ଥାଏ, ଛାତ୍ରୀଛାତ୍ରମାନେ ସ୍କୁଲ ପୋଷାକ ପରିଧାନ କଲେ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥାଏ ବୋଲି ବୁଧବାର ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶିବଦତ୍ତ ନାୟକ କହିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ଅଭୟ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ



କୁମାର ବେହେରା ପ୍ରମୁଖ ଯୋଗଦେଇ ଅଧ୍ୟୟନରତ ୧୫୮ ଜଣଙ୍କୁ ପୋଷାକ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଦସ୍ୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ସିଦ୍ଧବକୁଳରେ ନବାନ୍ନ ସହ ପୁସ୍ତକ ଉନ୍ମୋଚନ



ପୁରୀ,୧୨।୧୨(ଅଜିତ୍ କୁମାର ମହାନ୍ତି)

୫ଶହ ବର୍ଷ ଧରି ହରିଦାସ ଠାକୁରଙ୍କ ସାଧନା ପୀଠ ସିଦ୍ଧବକୁଳ ମଠ ପରିସରରେ ପବିତ୍ର ମାର୍ଗଶିର ଶୁକ୍ଳ ଦ୍ୱାଦଶୀରେ ନବାନ୍ନ ଅନୁଷ୍ଠିତ ହୋଇଆସୁଛି। ଦ୍ୱାପର ଯୁଗର ଯଶୋଦାଙ୍କ ଶ୍ରୀକୃଷ୍ଣଙ୍କ ପ୍ରତି ବାତ୍ସଲ୍ୟ ପ୍ରେମର ନିଦର୍ଶନ ସ୍ୱରୂପ, ନୂଆ ଧାନର ଉତ୍ପାଦକୁ ନେଇ ଆଜି ମଠରେ ୯ ପ୍ରକାରର ଅନ୍ନ-ନବାନ୍ନ ସହ ୩୬ପ୍ରକାରର ବ୍ୟଞ୍ଜନ ପ୍ରସାଦ ଭାବେ ଠାକୁରଙ୍କ ପାଖରେ ଅର୍ପଣ କରିଥିଲେ ମଠର ମୁଖ୍ୟ ଶ୍ରୀନିବାସ ମହାରାଜ। ମଠାଧୀଶ ପ୍ରେମାନନ୍ଦ ମହାରାଜଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର, ବିଶିଷ୍ଟ ସେବାୟତ ନୀଳମଣି ଗୁରୁଙ୍କ ସମେତ ମଠାଧୀଶ, ଶିକ୍ଷାବିତ୍, ସେବାୟତ ବିଶେଷକରି ରୁଷିଆ, ଜାପାନ ଓ ଆମେରିକାର ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ। ଏହି ଅବସରରେ ଠାକୁର ହରିଦାସଙ୍କ ଜୀବନ ଉପରେ ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ,୧୨।୧୨(ମମତା ଜେନା)

କାକଟପୁର ମଙ୍ଗଳା ମହାବିଦ୍ୟାଳୟର +୩ ଶ୍ରେଣୀ ପାଇଁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୧୦ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ କଲେଜର ଅଧକ୍ଷ ବିନୋଦ ବିହାରୀ ବେହୁରା ଅଧକ୍ଷତା କରି ପ୍ରଶିକ୍ଷଣ ନେଇଥିବା ପିଲା ଓ ଅଧ୍ୟାପିକାଅଧ୍ୟାପକଙ୍କର ସହଯୋଗକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଶିବିରର ସଂଯୋଜିକା ଅଧ୍ୟାପିକା ନିରୋଦ ନଳିନୀ କର ଶିବିରର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରାଧ୍ୟାପିକା ଚୌଧୁରୀ ସନ୍ଧ୍ୟାରାଣୀ ଦାଶ ଓ ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ନୃସିଂହ ଚରଣ ବିଶ୍ୱାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଗ୍ରାମ ଛାଟୋଇ, ଲଲାଟେନ୍ଦୁ ସାଇଁ ଓ ମନୋଜ କୁମାର ନାୟକ ପ୍ରମୁଖ ଅଧ୍ୟାପକମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କ ମଧ୍ୟରୁ ଅନୁଷ୍କା ଜେନା ଶିବିରର ଅନୁଭୂତି ବର୍ଣ୍ଣନା କରିଥିଲେ। ଶିବିରରେ ଅଧ୍ୟାପିକା ଡ. ଚିନ୍ମୟୀ ମିଶ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲା ବେଳେ ପ୍ରଶିକ୍ଷିକା ସାକ୍ଷୀ ନାୟକ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ରାଜଶ୍ରୀ ପ୍ରଧାନ ସହଯୋଗ କରିଥିଲେ ଓ ଶେଷରେ ଅଧ୍ୟାପିକା ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ।


ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ।

# ନିର୍ମାଣ ହୋଇପାରୁନି ଲକ୍ଷ୍ମୀ ବସ୍ ବିଶ୍ରାମାଗାର

ଗୋପ,୧୨।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

### ଖରା, ବର୍ଷା, କାକରରେ ଠିଆ ହେଉଛନ୍ତି ଯାତ୍ରୀ

ସରକାର ଗାଁରୁ ସହରକୁ ଯୋଡ଼ିବା ଲାଗି ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ। ଏବେ କିନ୍ତୁ ଏହି ବସ୍ ସେବା ଗୋପ ବ୍ଲକ୍‌ରେ ଫେଲ୍ ମାରିଛି। ଗୋପ ବ୍ଲକରେ ଥିବା ୩୧ ପଞ୍ଚାୟତକୁ ଏହି ବସ୍ ଚଳାଚଳ କରିପାରୁ ନ ଥିବାବେଳେ ପୂର୍ବରୁ ଏହି ସବୁ ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ବିଶ୍ରାମାଗାର ନ ହୋଇପାରିବା ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଭଳି ଅଭିଯୋଗ ହୋଇଛି। ୩୧ ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ୪୩ ବିଶ୍ରାମାଗାର ମଧ୍ୟରୁ ମାତ୍ର ୪ଟି ନିର୍ମାଣ ହୋଇଥିବା ବେଳେ ୩ଟି ପୁରୁଣା ବସ୍‌ଷ୍ଟାଣ୍ଡ ଗୃହକୁ ମରାମତି କରାଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଗୋପ ବ୍ଲକ ପୁରୀ ଜିଲାର ସର୍ବପୁରାତନ ଓ ସର୍ବବୃହତ ବ୍ଲକ ଭାବେ ମାନ୍ୟତା ପାଇଥିବା ବେଳେ ସବୁକ୍ଷେତ୍ରରେ ଏହି ବ୍ଲକ ଅବହେଳିତ ହୋଇଛି। ଏପରିକି ଅନେକ ସରକାରୀ ଯୋଜନା ଠିକ୍‌ରେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ବେଳେ ଲକ୍ଷ୍ମୀ ବସ ରହଣି ବିଶ୍ରାମାଗାର ମଧ୍ୟ ତା' ଭିତରେ ରହିଛି। ଏହି ଲକ୍ଷ୍ମୀ ବସ୍ ସେବା ଗୋପ ବ୍ଲକରେ ଗତ ଫେବୃୟାରୀ ୨୨ରେ ଆରମ୍ଭ ହୋଇଥିବା ବେଳେ ଏବେ ୩୧ଟି ପଞ୍ଚାୟତକୁ ୫ ଗୋଟି ଲକ୍ଷ୍ମୀ ବସ ଗଡୁଛି ବୋଲି ଜଣାପଡ଼ିଛି। ଗୋପ ବ୍ଲକରେ ଏହି ବସ ସେବାରେ ସରକାର କ୍ଷତି ସହୁଥିବା ବେଳେ ଆବଶ୍ୟକତା ଅନୁଯାୟୀ ଲାଭାଂଶ ଆସୁ ନ ଥିବା ଜଣାପଡ଼ିଛି। ହେଲେ ଦୈନନ୍ଦିନ ଗାଁ ଗହଳିର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନେ ଯା'ଆସ କରୁଥିବା ବେଳେ ବସ୍ ରହଣି ବିଶ୍ରାମାଗାର ନ ଥିବାରୁ ଖରା, ବର୍ଷା, ଶୀତ କାକରରେ ଠିଆ ହେବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ୫ ଲକ୍ଷ ଟଙ୍କାରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଗୃହ ୪ଟି ଓ ୭୫ ହଜାର ଟଙ୍କା ଖର୍ଚ୍ଚ କରାଯାଇ ୩ଟି ମରାମତି କରାଯାଇଥିବା ବେଳେ ତାହା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଜଣାପଡ଼ିଛି। ବସ୍ ରହଣି ବିଶ୍ରାମାଗାର ନିର୍ମାଣ ହେବାପାଇଁ ଆବଶ୍ୟକ ଅନୁଯାୟୀ ଅର୍ଥ ଥିବାବେଳେ କାହିଁକି ନିର୍ମାଣ ହେଉ ନାହିଁ ତାହା ମଧ୍ୟ ସମସ୍ତଙ୍କୁ ଚକିତ କରିଛି। ଏନେଇ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି କହିଛନ୍ତି, ଆବଶ୍ୟକ ଅନୁଯାୟୀ ଅର୍ଥ ଓ ଜମିଜମା ସମସ୍ୟା ଥିବାରୁ ବିଶ୍ରାମଗୃହ ନିର୍ମାଣ ହୋଇପାରୁନି।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସୁବର୍ଣ୍ଣପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୌଡ଼, ଉଚ୍ଚଡିଆଁ, ଗୋଳା ଫିଙ୍ଗା ଆଦି ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଶିଶୁ ମନ୍ଦିରର ସମ୍ପାଦକ ପ୍ରକାଶ କୁମାର ଦାସ, ଖେଳ ପ୍ରମୁଖ ଜ୍ୟୋତ୍ସ୍ନାରାଣୀ ରାଉତ, ସ୍ନେହଲତା ତ୍ରିପାଠୀ, ରଶ୍ମିତା ସ୍ୱାଇଁ ଆଦି ବିଦ୍ୟାଳୟର ଗୁରୁମାଗୁରୁଜୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଅଧିକାରୀଙ୍କୁ ପଚରାଉଚରା କଲା ଭିଜିଲାନ୍ସ ଟିମ୍

**ଆର୍ଥିକ ଅନିୟମିତତା ମାମଲା**

କଟକ ସଦର,୧୨।୧୨(ସୁଶାନ୍ତ କୁମାର ଜେନା)

ସାଲେପୁର ବ୍ଲକ୍ ଅଧୀନ ରଚିଲୋ ପଞ୍ଚାୟତରେ ଗତବର୍ଷ ଆର୍ଥିକ ଅନିୟମିତତା ହୋଇଥିଲା। ତତ୍କାଳୀନ ୨ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଏହି ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ ଜଣେ ଅଧିକାରୀ କଟକ ସଦର ବ୍ଲକ କାର୍ଯ୍ୟାଳୟକୁ ବଦଳି ହୋଇଆସିଛନ୍ତି। ଭିଜିଲାନ୍ସ ଟିମ୍ ବୁଧବାର ଓ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଅଧିକାରୀଙ୍କୁ ପଚରାଉଚରା କରିଥିଲା। ସେହି ପଞ୍ଚାୟତର ୩ଟି ଫାଇଲ ମିଳୁନାହିଁ। ସେଥିରେ ସମସ୍ତ ତଥ୍ୟ ରହିଛି। ଏହି ଅନିୟମିତତାର ତଦନ୍ତ ପାଇଁ ସାଲେପୁର ବିଡିଓ ଭିଜିଲାନ୍ସକୁ ପତ୍ର ଲେଖିଥିଲେ।

### ୧୨ ଘଣ୍ଟା ବିଦ୍ୟୁତ୍ ସରବରାହ ବ୍ୟାହତ, କ୍ୟାଣ୍ଡେଲ ଜାଳି ମାଣ ବସାଇଲେ ମହିଳା

କଟକ ସଦର,୧୨।୧୨(ସୁଶାନ୍ତ କୁମାର ଜେନା)

ପୋପରଡ଼ା-କନ୍ଦରପୁର ୩୩ କେଭି ବିଦ୍ୟୁତ୍ ଲାଇନ୍‌ରେ ତ୍ରୁଟି ପରିଲକ୍ଷିତ ହେବାରୁ ବୁଧବାର ରାତି ୩ଟାରୁ ବିସ୍ତୀର୍ଣ୍ଣ ଅଞ୍ଚଳ ଅନ୍ଧାରରେ ରହିଥିଲା। ଗୁରୁବାର ଭୋର ସମୟରେ ମହିଳାମାନେ କ୍ୟାଣ୍ଡେଲ ଜାଳି ମାଣ ବସାଇଥିଲେ। ଏପରି କି ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିଲା। କନ୍ଦରପୁର, କିଶନନଗର ଓ ରଘୁନାଥପୁର ବିଦ୍ୟୁତ୍ ସେକ୍ସନର କର୍ମଚାରୀ ମିଳିତ ଭାବେ ମରାମତି କରିବା ପରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ହେଲେ ବିରିଡ଼ି ଅଞ୍ଚଳ ପାଇଁ ବିକଳ୍ପ ବ୍ୟବସ୍ଥା ଥିବାରୁ ଅସୁବିଧା ହୋଇ ନ ଥିଲା। ସିଆର୍‌ଆର୍‌ଆଇ-କନ୍ଦରପୁର ସବ୍‌ଷ୍ଟେଶନ ମଧ୍ୟରେ ବିକଳ୍ପ ୩୩ କେଭି ଲାଇନ ଟଣା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ବିରୋଧ ଯୋଗୁ ୩ ବର୍ଷ ହେବ ତାରଟଣା କାମ ଆଗେଇପାରୁନାହିଁ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଉପଭୋକ୍ତାମାନେ ଦାବି କରିଛନ୍ତି।

### ବାଲିଘାଟ ଉପରେ ଚଢ଼ାଉ, ୯ ଗାଡ଼ି ଜବତ

ବାଙ୍କୀ, ୧୨।୧୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଓ ଡମପଡା ତହସିଲ୍ ଅଧୀନରେ ଥିବା ବିଭିନ୍ନ ସରକାରୀ ବାଲିଘାଟ ଓ ମୋରମ ଖଣିରୁ ପ୍ରତ୍ୟେକ ଦିନ ଅନେକ ଟ୍ରିପ ଚୋରା ବାଲି ଓ ମୋରମ ଚାଲାଣ ହେଉଛି। ହେଲେ ବାଙ୍କୀ ପ୍ରଶାସନ ଓ ଖଣି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଫଳରେ ଚୋରା ବ୍ୟବସାୟୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଥିଲା। କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ପକ୍ଷରୁ ଚଢ଼ାଉ କରାଯାଇ ଡମପଡା ତହସିଲ୍ ଅଧୀନ ଜାତ ମୁଣ୍ଡିଆ ଘାଟରୁ ବାଲି ବୋଝେଇ କରୁଥିବା ମେସିନ ଜବତ କରିବା ସହ ବାଲି ବୋଝେଇ ୮ଟି ହାଇୱା ଜବତ କରି ବାଙ୍କୀ ଥାନା ସମ୍ମୁଖରେ ଅଟକ ରହିଛି। ଏଥି ମଧ୍ୟରୁ ଚୋରାରେ ପଶ୍ଚିମବଙ୍ଗକୁ ବାଲି ଚାଲାଣ କରାଯାଉଥିବା ହାଇୱା ଜବତ କରାଯାଇଛି। ଜବତ ମେସିନକୁ ପୋଲିସ ଜଗି ରହିଛି। ଆଜକୁ ୫ ଦିନ ଧରି ଗାଡି ଜବତ ହୋଇ ଥାନା ସମ୍ମୁଖରେ ରହିଥିବା ବେଳେ ମଧ୍ୟ ଫାଇନ ଆଦାୟ କରାଯାଇ ନାହିଁ । ଏ ସମ୍ପର୍କରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇ ପାରି ନ ଥିଲା। ଏଭଳି ଘଟଣା ସମ୍ପର୍କରେ କଟକ ଖଣି ବିଭାଗ ଅଧିକାରୀ ସସ୍ମିତ ସାହୁଙ୍କୁ ପଚାରିବାରେ ପୋଲିସ ପକ୍ଷରୁ ଆମ ବିଭାଗକୁ କୌଣସି ସୂଚନା ଦିଆଯାଇନାହିଁ। ପୋଲିସ ପକ୍ଷରୁ ସୂଚନା ଦେଲେ ଖଣି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସହରରେ ନିର୍ମାଣ ହେବ ଆଉ ୫ ବକ୍ସ ଡ୍ରେନ୍

କଟକ,୧୨।୧୨(କାର୍ତ୍ତିକ ସାହୁ)



**ହାଇକୋର୍ଟରେ କଟକ ସହର ସମସ୍ୟା ମାମଲା**

- ଲାଲ୍‌ବାଗ ଥାନା ସମ୍ମୁଖ ଶିଶୁଭବନ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ
- ସତ୍ୟବ୍ରତ ଷ୍ଟାଡିୟମ ନିକଟରେ ନିୟମିତ ପାଟ୍ରୋଲିଂ କର

କଟକ ସହର ଭିତରେ ଆଉ ୫ଟି ବକ୍ସ ଡ୍ରେନ୍ ନିର୍ମାଣ ହେବ। ଏଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ସିଏମ୍‌ସି ପକ୍ଷରୁ ଏହି ମର୍ମରେ ସତ୍ୟପାଠ ଜରିଆରେ ଗୁରୁବାର ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏନେଇ ୩୩୯ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇସାରିଛି ଏବଂ ସରକାରଙ୍କ ମଞ୍ଜୁରୀ ଲାଗି ପଠାଯାଇଛି। କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ ସିଏମ୍‌ସି ସିଟି ଇଞ୍ଜିନିୟର ଏହି ତଥ୍ୟ ଅଦାଲତଙ୍କ ନିକଟରେ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ତାଳଦଣ୍ଡା କେନାଲକୁ ପ୍ରଦୂଷଣ ମୁକ୍ତ ରଖିବା ଲାଗି ୩୨ କୋଟି ଟଙ୍କାର ନୂଆ ପ୍ରକଳ୍ପ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ସେହିପରି ବଜ୍ରକବାଟି ବକ୍ସଡ୍ରେନକୁ ମାତୃ ଭବନ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ୱାଟ୍‌କୋ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ହାଇକୋର୍ଟରେ କଟକ ସହର ସମସ୍ୟା ସମ୍ପର୍କିତ ମାମଲାର ଶୁଣାଣିବେଳେ ଶିଶୁଭବନ ସମସ୍ୟାର ସମାଧାନ ଉପରେ ଅଦାଲତ ଗୁରୁତ୍ୱ ଦେଇଛନ୍ତି। ଶିଶୁଭବନର ଲାଲ୍‌ବାଗ୍ ଥାନା ପାର୍ଶ୍ୱ ଗେଟ୍ ଖୋଲିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁଭବନରେ ଲାଗି ରହିଥିବା ସମସ୍ୟାକୁ ନେଇ ହାଇକୋର୍ଟ ମାମଲାର ଶୁଣାଣିବେଳେ ବିରକ୍ତି ପ୍ରକାଶ କରିଛନ୍ତି। ଅଦାଲତ ଏହି ପ୍ରସଙ୍ଗରେ ଗେଟ୍ ସମ୍ମୁଖରୁ ତୁରନ୍ତ ଅବରୋଧ ହଟାଇବାକୁ ମହାନଗର ନିଗମକୁ ଆଦେଶ ଦେଇଛନ୍ତି। ବିଶେଷକରି ଶିଶୁଭବନ ପରିସରରେ ହୋଇଥିବା ସମସ୍ତ ଜବରଦଖଲ ତୁରନ୍ତ ହଟାଇବାକୁ କହିଛନ୍ତି। ଯେପରି ଆମ୍ବୁଲାନ୍ସ ଯାତାୟାତରେ କୌଣସି ସମସ୍ୟା ଦେଖା ନ ଦେବ, ସେନେଇ ତ୍ୱରିତ ପଦକ୍ଷେପ ନେବା ଲାଗି ହାଇକୋର୍ଟ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିଶୁଭବନ ନୂତନ କୋଠା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେବାର କାରଣ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ବିଶେଷକରି ଶିଶୁଭବନ ଗେଟ୍ ସମ୍ମୁଖରେ ଦୋକାନୀମାନଙ୍କୁ କିପରି ଭେଣ୍ଡି ଲାଇସେନ୍ସ ପ୍ରଦାନ କରାଗଲା ସେ ସମ୍ପର୍କରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ସିଏମ୍‌ସିକୁ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣିରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ସେହିପରି ସତ୍ୟବ୍ରତ ଷ୍ଟାଡିୟମ ପରିସରରେ ଚାଲିଥିବା ଅସାମାଜିକ କାର୍ଯ୍ୟ ତଥା ଗୁଣ୍ଡାରାଜ୍ ଘଟଣାରେ ହାଇକୋର୍ଟ ଜିଲା ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହି ମର୍ମରେ ସତ୍ୟବ୍ରତ ଷ୍ଟାଡିୟମ ନିକଟରେ ନିୟମିତ ପାଟ୍ରୋଲିଂ କରିବାକୁ କଟକ ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଉକ୍ତ ଷ୍ଟାଡିୟମକୁ ବ୍ୟବହାର ଯୋଗ୍ୟ କରାଇବା ଲାଗି ହାଇକୋର୍ଟ ଆଦେଶ ଦେଇଛନ୍ତି। ବିଶେଷକରି ଷ୍ଟାଡିୟମର ଉନ୍ନତି ଲାଗି ଯାହା ଆବଶ୍ୟକ ସେନେଇ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ସମନ୍ୱୟ ରକ୍ଷା କରି ନିର୍ମାଣ କାର୍ଯ୍ୟ କରିବାକୁ ହାଇକୋର୍ଟ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଖୁବ୍‌ଶୀଘ୍ର ଉକ୍ତ ଷ୍ଟାଡିୟମ ପରିସରରେ ସିନ୍ଥେଟିକ୍ ଟ୍ରାକ୍ ପଡିବ। ତେବେ ଏଥିପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ଲୋଡ଼ାଯାଇଛି। ବିଭାଗୀୟ ଅନୁମତି ମିଳିବା ପରେ ଷ୍ଟାଡିୟମ୍ ପରିସରରେ ସିନ୍ଥେଟିକ୍ ଟ୍ରାକ୍ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୀତିକବି ନଗେନ୍ଦ୍ର ମହାପାତ୍ରଙ୍କ ଜନ୍ମ ଶତବାର୍ଷିକ ସ୍ମୃତିସଭାରେ କଣ୍ଠଶିଳ୍ପୀ ପଦ୍ମାଳୟା ଗରାବଡୁ ଓ ସୁବାସ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମୁନା ଖାଁଙ୍କ ବିରୋଧରେ ଥାନାରେ ଅଭିଯୋଗ

କଣ୍ଟାପଡା,୧୨।୧୨(ସୁରନାରାୟଣ ସାହୁ)

**'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାକୁ ଆକ୍ଷେପ**

ନବରଙ୍ଗପୁରରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ 'ମଣ୍ଡେଇ' ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଯୋଗଦେଇ ବିଶିଷ୍ଟ ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ରଚିତ ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱବିହାରୀ'ର ଏକ ପଂକ୍ତିକୁ କଦର୍ଥକରି ବର୍ଣ୍ଣନା କରିବା ସହ ତାଙ୍କ ପରିବାରକୁ ଆକ୍ଷେପ କରିଥିଲେ। ଫଳରେ ରାମକୃଷ୍ଣଙ୍କ ଜନ୍ମ ସ୍ଥାନ କଣ୍ଟାପଡା ବ୍ଲକ୍ ବାଇରୋଇସ୍ଥିତ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଏନେଇ ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରାଯାଇ ମୁନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏଥିସହ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ କାର୍ଯ୍ୟାଳୟରେ ପରିଷଦ ପକ୍ଷରୁ ଗୁରୁବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସମ୍ପାଦକ ପ୍ରକାଶ ନନ୍ଦ କହିଛନ୍ତି, ଶିଶୁସାହିତ୍ୟ ପ୍ରତି ରାମକୃଷ୍ଣଙ୍କର ଅବଦାନକୁ ଚାରିଆଡ଼େ ପ୍ରଶଂସା କରାଯାଉଥିବାବେଳେ ରାଜ୍ୟ ସଭା ସଦସ୍ୟ ଖାଁଙ୍କ ଏଭଳି ଆଚରଣ ଆଦୌ ଠିକ୍ ନୁହେଁ। ଏହି ଖବରଦାତା ସମ୍ମିଳନୀରେ କଣ୍ଟାପଡ଼ା ବ୍ଲକ୍ ସରପଞ୍ଚ ସଂଘ ସଭାପତି ସଞ୍ଜୟ କୁମାର ରାଉତରାୟ, ସଙ୍କଳ୍ପର ସଭାପତି ଲଲାଟେନ୍ଦୁ ପାତ୍ର, ମିଳିତ ଓଡ଼ିଶା ନିଶା ନିବାରଣ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟ, ବିଜେଡି ନେତା ଗଣେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଲଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ କହିଛନ୍ତି, ଅଭିଯୋଗ ଆଧାରରେ ଷ୍ଟେଶନ ଡାଏରୀ କରାଯାଇ ତଦନ୍ତ ଆରମ୍ଭ ହୋଇଛି।





ବିଭିନ୍ନ ଦାବି ନେଇ ଗୁରୁବାର ସିପିଆଇ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।

## କନ୍ଦରପୁର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

କଟକ ସଦର,୧୨।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ୍ ଅନ୍ତର୍ଗତ କନ୍ଦରପୁରସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ଅଷ୍ଟମ ବାର୍ଷିକ ଉତ୍ସବ ବୁଧବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା, ସମ୍ମାନିତ ଅତିଥି ଭାବେ କନ୍ଦରପୁର ଥାନା ଅଧିକାରୀ ରାଧାକାନ୍ତ ସାହୁ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କନ୍ଦରପୁର ଶାଖାର ସଞ୍ଚାଳିକା ସସ୍ମିତା, ମୁଖ୍ୟବକ୍ତା ଭାବେ ଶଙ୍ଖପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ହୃଦାନନ୍ଦ ଜେନା ଯୋଗଦେଇଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ପ୍ରଭାମୟୀ ଦେବୀ ଓ ବରିଷ୍ଠ ନାଗରିକ ମଞ୍ଚର ବୟୋଜ୍ୟେଷ୍ଠ ସଭ୍ୟ ଅରକ୍ଷିତ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଡ. ତ୍ରିଲୋଚନ ବେହେରା ସ୍ୱାଗତ ଭାଷଣ, ଉପଦେଷ୍ଟା ସନ୍ତୋଷ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଭୋଇ ବିବରଣୀ ପାଠ ଓ ନବଘନ ରାଉତ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ଫଟୋ ଭାଇରାଲକରି ଯୁବକ କୋର୍ଟ ଚାଲାଣ

ମାହାଙ୍ଗା, ୧୨।୧୨(ଯଯାତି ସିଂହ)

ମାହାଙ୍ଗା ଥାନା ଜଳେଶ୍ୱରପୁର ପଞ୍ଚାୟତ ମଲ୍ଲିପୁରା ଗାଁର ଶିବାନନ୍ଦ ସ୍ୱାଇଁ ଏହ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ ପରେ କିଛି ଫଟୋକୁ ସୋସିଆଲ ମିଡିଆରେ ପ୍ରଘଟ କରିଥିବା ଅଭିଯୋଗ ହୋଇଥିଲା। ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିବାନନ୍ଦଙ୍କୁ ଗିରଫ କରିବା ସହ ଡାକ୍ତରୀ ମାଇନା କରାଇ ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଶିବାନନ୍ଦ ଜଣେ ମହିଳାଙ୍କ ସହ ପ୍ରଥମେ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଧୀରେ ଧୀରେ ସେ ମହିଳାଙ୍କ ସରଳତାର ସୁଯୋଗ ନେଇ ତାଙ୍କ ସହ ସମ୍ପର୍କ ରଖିଥିଲେ। ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ମହିଳାଙ୍କ ଅଜାଣତରେ ଉତ୍ତୋଳନ କରି ମୋବାଇଲରେ ରଖିବା ସହ ତାହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଦେଇଥିଲେ। ଏପରିକି ମହିଳାଙ୍କୁ ବ୍ଲାକ ମେଲ କରି ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ଶିବାନନ୍ଦ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇ ଆସୁଥିଲେ। ମହିଳା ଜଣକ ତାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସର ଏକ ଟିମ୍ ଭୁବନେଶ୍ୱରରୁ ଶିବାନନ୍ଦଙ୍କୁ ଗିରଫ କରି ଥାନାକୁ ଆଣି ପଚରାଉଚରା।

## ରତାପାଟ ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥି।

ବଡ଼ମ୍ବା, ୧୨।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରତାପାଟ ମହାଲକ୍ଷ୍ମୀ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, କଟକ ଜିଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବଡ଼ମ୍ବା ବିଡିଓ ରମେଶ କୁମାର ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଗୋପମଥୁରା ଓ ବଡବାରେଣା ଗାଁରେ ମହାଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି।

## ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ, ବିଧାୟକ



ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

ମାହାଙ୍ଗା,୧୨।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମର ଆଗଧାଡିର ବିଜେଡି କର୍ମୀ ଶରତ ଚନ୍ଦ୍ର ପାଣି, ଚିତ୍ତରଞ୍ଜନ ମହାରଣା ଓ ଶ୍ରୀକୃଷ୍ଣପୁର ପଞ୍ଚାୟତର ବିଜେଡି ନେତା କହ୍ନେଇ ଦାସଙ୍କ ପରଲୋକ ହୋଇଯାଇଛି। ଏହି ଖବରପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୃତକଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଚିତ୍ତରଞ୍ଜନଙ୍କ ଭୁବନେଶ୍ୱର ଖାରବେଳ ଥାନା ନିକଟରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ପୂର୍ବତନ ମନ୍ତ୍ରୀ ଜେନା ପୋଲିସ ଉଚ୍ଚ ଅଧିକାରୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ତାଙ୍କ ପରିବାରକୁ ଠିକ୍ ନ୍ୟାୟ ଦେବାକୁ ନିବେଦନ କରିଥିଲେ। ଏହି ସମୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତ୍ରିନାଥ ଜେନା, ହୃଷୀକେଶ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା, ସରପଞ୍ଚ ରାଜକିଶୋର ବଳ, ଧନେଶ୍ୱର ସେନାପତି, ଅଜୟ ଦାସ, ରମେଶ ସାମଲ, ମୃତ୍ୟୁଞ୍ଜୟ ବରାଳ, ହିତେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲିଶ ଏକ ଯୋଗାଯୋଗର ଭାଷା

ବାଙ୍କୀ,୧୨।୧୨(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**ଇଂଲିଶ ଅଧ୍ୟୟନ ସମ୍ପର୍କରେ ଜାତୀୟ ଆଲୋଚନାଚକ୍ର**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ବିଭାଗ ଆନୁକୂଲ୍ୟରେ ଇଂରାଜୀ ଅଧ୍ୟୟନ ମିଶ୍ରଣର ପାଠ୍ୟ, ଧାରା ଓ ଗତିପଥ ସମ୍ପର୍କରେ ଏକ ଜାତୀୟ ଆଲୋଚନାଚକ୍ର କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରର ଇଂଲିଶ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଅସୀମ ରଞ୍ଜନ ପାଢୀ ଯୋଗଦେଇ ଇଂଲିଶ ଏକ ଯୋଗାଯୋଗର ଭାଷା। ଏହି ଭାଷାକୁ ଅନ୍ୟଭାଷାକୁ ଅନୁବାଦ କଲେ ତାହା ସୁନ୍ଦର ଭାବେ ଉପସ୍ଥାପନ ହୋଇପାରିବ। ବିଶେଷକରି ଚଳିତ ବର୍ଷ ନୂତନ ଶିକ୍ଷାନୀତି ଲାଗୁ ହେବା ଫଳରେ ଇଂଲିଶ ଭାଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ପ୍ରଫେସର ପାଢୀ କହିଥିଲେ। ସମ୍ମାନିତ ବକ୍ତା ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ବିଭାଗ ପ୍ରଫେସର ଡ. ପ୍ରୀତିନନ୍ଦା ରାୟ ଯୋଗଦେଇ ଇଂଲିଶ ଭାଷା ଏକ ସୁନ୍ଦର ଭାଷା ଏବଂ ଏହି ଭାଷା ଏବେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଆଗ୍ରହ ପ୍ରକାଶ କରି ଇଂଲିଶ ମିଡିୟମ୍ ବିଦ୍ୟାଳୟରେ ପଢୁଛନ୍ତି। ଆଲୋଚନାଚକ୍ରକୁ ଅଧକ୍ଷ ଡ. ନିରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ଚିନ୍ମୟ ଚିରସୁନ୍ଦର ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସ୍ନାତକୋତ୍ତର ବିଭାଗ ସମୂହର ସଂଯୋଜକ ଡ. ଶଶିଭୂଷଣ ମହାପାତ୍ର, ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ଏହାକୁ ଅଧ୍ୟାପିକା ସୁଲଗ୍ନା ପଣ୍ଡା ସଂଯୋଜନା କରିଥିଲେ। ଅତିଥି ଭାବେ ଡ. ପ୍ରଦୀପ କୁମାର ଦେବତା, ଅଧ୍ୟାପକ ଅଂଶୁମାନ ପ୍ରଧାନ, ଅଧ୍ୟାପକ ପ୍ରଦୀପ ରାଉତ, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ରତ୍ନାକର ଦାସ, ଡ. ଅବନ୍ତୀକା କର, ପ୍ରାଧ୍ୟାପିକା ମିନତି ଧିର, ଅଧ୍ୟାପକ ଅରିଜିତ ମିଶ୍ର, ଡ. ଅଭିମନ୍ୟୁ ରଣା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ସନ୍ଧ୍ୟାରାଣୀ ପୁହାଣ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଲୋଚନାଚକ୍ର ସମ୍ବନ୍ଧରେ ସନ୍ଦର୍ଭ ପାଠ କରାଯାଇଥିଲା। ଭାଗ ନେଇଥିବା ସମସ୍ତ ଛାତ୍ରୀ ଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ଫଟୋରେ ଖବର





କଟକ ମଧୁପାଟଣା ଶ୍ରୀରାମ ନଗରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଅଫ୍ ନିଉ ଥଟ୍ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ଶ୍ରୀଅରବିନ୍ଦଙ୍କ ଚତୁର୍ଦ୍ଦଶ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



କଟକ ସିଡିଏ ସେକ୍ଟର-୧୩ ବିଜୁ ପଟ୍ଟନାୟକ ପାର୍କ ପାର୍ଶ୍ୱ ପଡିଆରେ ଗେଲ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ଅନୁଷ୍ଠିତ ମକ୍‌ଡ୍ରିଲ୍।

## ସଂକ୍ଷେପରେ

### ଗଛରେ ପିଟିହୋଇ ବାଇକ୍ ଚାଳକ ମୃତ

ଟାଙ୍ଗୀ,୧୨।୧୨(ରଘୁନାଥ ସାହୁ)

ଗଛରେ ପିଟିହୋଇଯିବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ପାରିଓରଡ଼ ଗ୍ରାମର ପ୍ରଶାନ୍ତ ବେହେରା(୨୭)। ବୁଧବାର ସନ୍ଧ୍ୟାରେ ଚାନ୍ଦପୁର ବଜାରରୁ ସାମଗ୍ରୀ କିଣି ପ୍ରଶାନ୍ତ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଅସାବଧାନତା ବଶତଃ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

### ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା

କୃଷ୍ଣପ୍ରସାଦ,୧୨।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସାନପାଟଣା ବାତ୍ୟାଶ୍ରୟସ୍ଥଳୀ ପରିସରରେ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାତପଡ଼ା ରେଞ୍ଜର ଶରତ ଜାନିଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ସାନପାଟଣା ଗ୍ରାମ୍ୟ କମିଟି ସଭାପତି ନୀଳମଣି ଚେଲବେରୀ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ବାରିକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଞ୍ଜନ ରଥ, ଅଧ୍ୟାପକ ପବିତ୍ର ମୋହନ ଦାସଙ୍କ ସମେତ ଗ୍ରାମର ପୁରୁଷ ମହିଳା ଓ ସୁରକ୍ଷାକର୍ମୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ସାମୁଦ୍ରିକ କଇଁଛ ସୁରକ୍ଷା ଓ ଏହାର ବଂଶ ବିସ୍ତାର ଦ୍ୱାରା ମଣିଷ ଏବଂ ପରିବେଶ ଉପରେ କିପରି ସୁପ୍ରଭାବ ପଡିଥାଏ ସେଦିଗରେ ଆଲୋଚନା ହୋଇଥିଲା। ଅରଖକୁଦା ବନପାଳ ଦୁର୍ଗା ଚରଣ ଗୁଡୁ, ସାତପଡ଼ା ବନପାଳ ସୁଜିତ ବେହେରା, ବ୍ରହ୍ମପୁର ବନପାଳ ରଜନୀକାନ୍ତ ଲେଙ୍କା, ରାମଭରତିଆ ବନପାଳ ଅନୀଲ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଇଟାଭାଟିରେ ଚଢ଼ାଉ, ୪୦ହଜାର ଟଙ୍କା ଜରିମାନା ଆଦାୟ

ବାଣପୁର,୧୨।୧୨(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଏବଂ ଚିଲିକା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନଭାବେ ଇଟାଭାଟି ଗଢ଼ିଉଠିଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତହସିଲଦାର ଟି.ପଦ୍ମନାଭ ଦୋରା ଇଟାଭାଟି ମାଲିକଙ୍କୁ ତାଗିଦା କରବା ସହ ଭାଟି ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନଚେତ ସମ୍ପୃକ୍ତ ଇଟାଭାଟିକୁ ନଷ୍ଟ କରାଯିବା ସହ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ସତ୍ତ୍ୱେ କେତେଜଣ ମାଲିକ ନିର୍ଦ୍ଦେଶକୁ ଅବମାନନା କରି ଭାଟି ଚଳାଇଥିଲେ। ଗୁରୁବାର ତହସିଲଦାର ଦୋରା, ରାଜସ୍ୱ ନିରୀକ୍ଷକ ଅରମାନ୍ ଜେନା ଏବଂ ଥାନା ଅଧିକାରୀ ରମେଶ କୁମାର ଦେବତା ପୋଲିସ ଫୋର୍ସ ସହ ମୁକ୍ତାଦେଇପୁର ଗ୍ରାମରେ ଥିବା ଦୁଇଟି ଇଟାଭାଟିରେ ଚଢ଼ାଉ କରି ନଷ୍ଟ କରିଦେଇଥିଲେ। ଏଥିସହ ସମ୍ପୃକ୍ତ ଭାଟିର ମାଲିକ ତପନ ମୁଦୁଲି ଏବଂ କୃଷ୍ଣ ମୁଦୁଲି ଭବିଷ୍ୟତରେ ବେଆଇନ ଭାବେ ଭାଟି ପରିଚାଳନା ନ କରିବା ପାଇଁ ସତ୍ୟପାଠ ଦାଖଲ କରିବା ସହ ଉଭୟଙ୍କୁ ୨୦ ହଜାର ଟଙ୍କା ଲେଖାଏ ଜରିମାନାରେ ଦଣ୍ଡିତ କରାଯାଇଛି।

# ଅନ୍ଧାରରେ ପଞ୍ଚ ପାଇକଙ୍କ ପୀଠ

## ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା,୧୨।୧୨(ପ୍ରଭାତ ପାଣିଗ୍ରାହୀ)



ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ବଳିଦାନ ଦେଇଥିବା ପାଇକ ବୀରଙ୍କ ଅବଦାନ ଅବିସ୍ମରଣୀୟ। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁବଳେନ୍ଦ୍ର ଏବଂ କୃତ୍ତିବାସ ପାଟ୍ଟଶାଣୀଙ୍କ ସମେତ ବହୁ ପାଇକ ମାଟିର ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ପାଇକବୀରଙ୍କ ସ୍ମୃତିକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ୧୯୯୯ ଡିସେମ୍ବର ୬ରେ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। କେବଳ ପଞ୍ଚ ପାଇକଙ୍କ ଜୟନ୍ତୀ, ଶ୍ରାଦ୍ଧ ଦିବସ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସେଠାରେ ପାଳନ ହୋଇଥାଏ। ତେବେ ଜାତୀୟ ରାଜପଥ ସମ୍ପ୍ରସାରଣ ଲାଗି ରାଜପଥ ପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତିକୁ ଗଡ଼ଖୋର୍ଦ୍ଧା ଛକ ନିକଟକୁ ସ୍ଥାନାନ୍ତର କରାଯାଇଛି। ତେବେ ସ୍ଥାନାନ୍ତର ପରେ ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟକରଣ ହୋଇପାରି ନାହିଁ। ପୂର୍ବ ପଞ୍ଚ ପାଇକ ପୀଠ ଖୋର୍ଦ୍ଧାଗଡ ଦୁର୍ଗ ସଦୃଶ ଏକ ଗଡ଼ ଉପରେ ବଉଳମାଳା ପଥରରେ ସ୍ଥାନିତ ହୋଇଥିବା ବେଳେ ଏବେ ମାର୍ବଲ ବିଛାଯାଇ ମୂର୍ତ୍ତିଗୁଡିକୁ ସ୍ଥାପନ କରାଯାଇଛି। ଫଳରେ ପଞ୍ଚ ପାଇକଙ୍କ ସହ ଗଡ଼ ଅସ୍ତିତ୍ୱ ହଜିଥିବା ବେଳେ ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନର ଅବହେଳା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିରେ ବାଧକ ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ଖୋଲାଆକାଶ ତଳେ ରହିଛି। ଯାହାଙ୍କ ଲାଗି ଏ ପରିଚୟ, ବର୍ତ୍ତମାନ ସେହିମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ସେହିପରି ଗବେଷକ ସତ୍ୟବାଦୀ ବଳିୟାରସିଂ କହିଛନ୍ତି, ଏ ଦେଶ ପାଇଁ ପାଇକଙ୍କ ଅବଦାନ ଅତୁଳନୀୟ। ପାଇକଙ୍କ ସ୍ମୃତିରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ଏହାର କାମ ମନ୍ଥର ଗତିରେ ଚାଲିଛି। ସାମାଜିକ କର୍ମୀ ଗୋପବନ୍ଧୁ ଜେନା କୁହନ୍ତି, ପଞ୍ଚ ପାଇକ ଖୋର୍ଦ୍ଧାର ପଞ୍ଚ ରତ୍ନ। ପାଇକଙ୍କ ପ୍ରତି ଯଥୋଚିତ ସମ୍ମାନ ଦେବା ଲାଗି ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ତାପଙ୍ଗ ଦଳବେହେରାଙ୍କ ଦାୟାଦ ସଂଗ୍ରାମ ଜଗଦ୍ଦେବ ପଞ୍ଚ ପାଇକଙ୍କ ପୀଠରେ ସୌନ୍ଦର୍ଯ୍ୟକରଣ ଲାଗି ଦାବି କରିଛନ୍ତି। ପାଇକ ଫାଉଣ୍ଡେଶନ ଆବାହକ ସତ୍ୟ ନାରାୟଣ ବିଶୋଇ କୁହନ୍ତି, ପାଇକମାନଙ୍କ ବୀରତ୍ୱ, ଏ ଜାତିର ସ୍ୱାଭିମାନର ପରିଚୟ। ଶିକ୍ଷାବିତ୍ ଭୀମସେନ ପ୍ରଧାନ କୁହନ୍ତି, ଯେଉଁ ଜାତିର ଅସ୍ତିତ୍ୱ ବିଲୁପ୍ତ ହୋଇଯାଏ, ସେହି ଜାତି ଧୀରେ ଧୀରେ ଶିଥିଳ, ଅନ୍ଧକାର ମଧ୍ୟରେ ହଜିଯାଏ। ତେଣୁ ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ରାଜପଥ ସମ୍ପ୍ରସାରଣ ଲାଗି ପୂର୍ବରୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ନିଷ୍ପତ୍ତି ହୋଇଥିଲା। ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଥିବା ସ୍ଥାନ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି।

## ବିଭିନ୍ନ କୌଶଳ ଦେଖାଇଲେ ଅଗ୍ନିଶମ କର୍ମଚାରୀ



ବେଗୁନିଆ,୧୨।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ମହାନ୍ତି ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ସିଲିଣ୍ଡର ଗ୍ୟାସ ନିଆଁ, ତୈଳ ନିଆଁ ଲିଭାଇବା ପାଇଁ ଫୋମର ବ୍ୟବହାର ଓ ପାଣିରେ ବୁଡ଼ି ଯିବା ସମୟରେ ସେଫ୍ଟି କିଟ୍ ଆଦି ବ୍ୟବହାର କରିବା ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ଶିକ୍ଷକ ନାରାୟଣ ମାନସିଂହ ସଂଯୋଜନା କରିଥିଲେ।

## ସାଦା କାଗଜରେ ଡାକ୍ତର ମେଡିସିନ ନାମ ଲେଖିବା ନେଇ ଅସନ୍ତୋଷ

ଜଟଣୀ,୧୨।୧୨(ରବୀନ୍ଦ୍ରନାଥ ମହାକୁଡ଼)

ସ୍ୱାସ୍ଥ୍ୟକେନ୍ଦ୍ରର ସରକାରୀ ପ୍ରେସକ୍ରିପସନ୍ ପ୍ୟାଡ୍‌ରେ ନ ଲେଖି ଜଣେ ଡାକ୍ତର ସାଦା କାଗଜରେ ଔଷଧ ନାମ ଲେଖିଥିବା ନେଇ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିରୋଧରେ ଅଭିଯୋଗ ଆସିଛି। ସ୍ଥାନୀୟ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ସୁଶ୍ରୀ ସଙ୍ଗୀତା ନାମ୍ନୀ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ସ୍ୱାମୀଙ୍କ ସହ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସକାଳେ ଆସିଥିଲେ। ଉକ୍ତ ସମୟରେ ଡ୍ୟୁଟିରେ ଥିବା ଡାକ୍ତର ବାଥରୁମ ଯାଇଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ସୁରକ୍ଷା କର୍ମୀ କହିଥିଲେ। ମହିଳାଜଣକ ଅଧ ଘଣ୍ଟା ଅପେକ୍ଷା କରିବା ପରେ ଡାକ୍ତର ନ ଆସିବାରୁ ବାଥରୁମ କବାଟ ବାଡ଼େଇଥିଲେ। ପରେ ସମ୍ପୃକ୍ତ ଡାକ୍ତର ଅଧା କବାଟ ଖୋଲି କ'ଣ ହେଇଛି ପଚାରିବା ସହ ଏକ ଇଞ୍ଜେକସନ ନାମ ଏକ ସାଦା କାଗଜରେ ଲେଖି ଦେବା ସହ କବାଟ ପୁଣି ଦେଇଦେଇଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜିତେନ୍ଦ୍ର କୁମାର କହିଛନ୍ତି, ଘଟଣା ସମ୍ପର୍କରେ ଶୁକ୍ରବାର ପଚାରି ବୁଝିବେ ବୋଲି କହିଛନ୍ତି।

 କ୍ୟାବିନ ଉଚ୍ଛେଦ ଏବଂ ଥଇଥାନ ପ୍ରସଙ୍ଗ

# 'ଜିଲା ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଉ'

## ବ୍ୟବସାୟୀଙ୍କୁ ସମର୍ଥନ ଜଣାଇଲା କଂଗ୍ରେସ





କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଖୋର୍ଦ୍ଧା,୧୨।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ କ୍ୟାବିନ ଉଚ୍ଛେଦ ଏବଂ ଥଇଥାନ ପ୍ରକ୍ରିୟାକୁ ନେଇ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିଏଲ୍‌ସି ସ୍ଥିତ ଭେଣ୍ଡିଂଜୋନ୍ ପରିବର୍ତ୍ତେ ହାବେଳି ପଡ଼ିଆଠାରେ ଥଇଥାନ ଦାବିରେ ଟ୍ରାଫିକ ଛକରେ ବ୍ୟବସାୟୀମାନେ ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ୫ଦିନ ପାଇଁ ସ୍ଥଗିତ ରଖାଯାଇଛି। ତେବେ ବ୍ୟବସାୟୀଙ୍କ ଦାବିକୁ ସମର୍ଥନ ଜଣାଇଛି କଂଗ୍ରେସ। ବ୍ୟବସାୟୀମାନେ ଯାହା ନିଷ୍ପତ୍ତି ନେବେ କଂଗ୍ରେସ ପୂର୍ଣ୍ଣ ସହଯୋଗ କରିବ। ୫୪୦ କ୍ୟାବିନ ବ୍ୟବସାୟୀ ନୁହଁ, ୧୨ଶହ ବ୍ୟବସାୟୀଙ୍କ ଉପଯୁକ୍ତ ଥଇଥାନ କଥା ସରକାର ଚିନ୍ତା କରନ୍ତୁ। ଏ ସଂକ୍ରାନ୍ତରେ ଜିଲାପାଳ ସ୍ପଷ୍ଟୀକରଣ ଦିଅନ୍ତୁ। ଥଇଥାନ ପ୍ରସଙ୍ଗରେ ଜିଲା ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେଉ ବୋଲି ଗୁରୁବାର ଡାକବଙ୍ଗଳାଠାରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ରାଜୀବ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଥିଲେ, ଦୀର୍ଘ ବର୍ଷ ଧରି ବ୍ୟବସାୟୀମାନେ ଏଠାରେ ବ୍ୟବସାୟ କରିଆସୁଛନ୍ତି। ୨୦୦୩ରେ ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ହାବେଳି ପଡିଆରେ ଥଇଥାନ ପାଇଁ ଜଣଙ୍କ ପିଛା ୩ହଜାର ଟଙ୍କା ଟୋକନ ମନି ନେଇଥିବା ବେଳେ ଏବେ ସେମାନଙ୍କୁ ସେଠାରେ ଥଇଥାନ କରିବାରେ ପ୍ରଶାସନ କାହିଁକି ପଛଘୁଞ୍ଚା ଦେଉଛି। ସହରରେ ଟ୍ରାଫିକ ସମସ୍ୟା ସମାଧାନ ଏବଂ ସହର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ବ୍ୟବସାୟୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ଏହା ସ୍ୱାଗତଯୋଗ୍ୟ। ତେବେ ଟିଏଲ୍‌ସି ଠାରେ ନିର୍ମାଣ ଚାଲିଥିବା ଭେଣ୍ଡିଂଜୋନ୍ କାମ ବର୍ତ୍ତମାନ ସୁଦ୍ଧା ସରି ନ ଥିବା ବେଳେ ଆଇରନ ଲୁହାରେ ଗୃହଗୁଡିକ ନିର୍ମାଣ କରାଯାଇଛି। କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବ। ବ୍ୟବସାୟୀଙ୍କ ଥଇଥାନ ପ୍ରସଙ୍ଗରେ ପୌରାଧକ୍ଷା ଏବଂ କାଉନସିଲରମାନେ ଅସହାୟତା ପ୍ରକାଶ କରିଛନ୍ତି। ତେବେ ପୌର ପ୍ରଶାସନ ଏବଂ ଜିଲା ପ୍ରଶାସନ କାହା ସ୍ୱାର୍ଥରେ କାମ କରୁଛି। ତରବରିଆ ଭାବେ ନିଷ୍ପତ୍ତି ନେବା କ'ଣ ଆବଶ୍ୟକତା ରହିଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ଏ ଦିଗରେ ପ୍ରଶାସନ ବ୍ୟବସାୟୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଅନ୍ତୁ। ସେହିପରି କଂଗ୍ରେସ ନେତ୍ରୀ ସୋନାଲି ସାହୁ କହିଛନ୍ତି, ଯେଉଁମାନେ ଦୀର୍ଘ ବର୍ଷ ହେବ ବେପାର କରୁଥିଲେ, ପ୍ରଶାସନ ସେମାନଙ୍କ କଥା ବିଚାରକୁ ନିଅନ୍ତୁ। ବ୍ୟବସାୟୀଙ୍କ ସହ କଂଗ୍ରେସ ଆରମ୍ଭରୁ ରହିଛି। ୧୦ ତାରିଖ ରାତିରେ ବ୍ୟବସାୟୀଙ୍କ ସହ ସର୍ବଦଳୀୟ ବୈଠକରେ କଂଗ୍ରେସ ପୂର୍ଣ୍ଣ ସମର୍ଥନ କରିବ ବୋଲି କହିଛି। ଥଇଥାନ ପ୍ରସଙ୍ଗରେ ଗଠିତ କୋର୍ କମିଟି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ନେତା ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ଭେଟି ଏନେଇ ଆଲୋଚନା କରାଯିବ। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସନ୍ତୋଷ ଜେନା, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଶିଶିର ପରିଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ବାଲୁଗାଁ,୧୨।୧୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ପୋଲିସ ଚଢ଼ାଉ କରି ବେଆଇନଭାବେ ଚାଲାଣ ହେଉଥିବା ଏକ ମାଙ୍କଡ଼ା ପଥର ବୋଝଇ ଟ୍ରକ ଜବତ କରିବା ସହ ଡ୍ରାଇଭର ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଗ୍ରାମର ଦୀନବନ୍ଧୁ ତ୍ରିପାଠୀ (୨୨)ଙ୍କୁ ଗିରଫ କରିଛି। ପ୍ରତିଦିନ ବିଳମ୍ବିତ ରାତ୍ରିରେ ବେଆଇନ ଭାବେ ମାଙ୍କଡା ପଥର ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବୁଧବାର ରାତିରେ ୧୬ନଂ. ଜାତୀୟ ରାଜପଥର ବାଇପାସ ରାସ୍ତାରେ କଡା ନଜର ରଖିଥିଲେ। ଗୁରୁବାର ଭୋର ୫ଟାରେ ଏକ ଟ୍ରକ(ଓଡ଼ି ୦୭ଏଚ ୭୩୮)ରେ ମାଙ୍କଡା ପଥର ବୋଝଇ ହୋଇ ଚଣ୍ଡେଶ୍ୱରରୁ ଆସୁଥିବା ବେଳେ ପାଟ୍ରୋଲିଂ ଟିମ୍ ହାବୁଡ଼ରେ ପଡିଥିଲା। ପୋଲିସ ଉକ୍ତ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୯୧/୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ତ୍ରିଦିବସୀୟ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ

ବେଗୁନିଆ,୧୨।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତର ମହନପୁରସାହି ରଘୁନାଥ ଦେବଙ୍କ ମନ୍ଦିର ପରିସରରେ ତ୍ରିଦିବସୀୟ ରାମଚରିତ ମାନସ ପାରାୟଣ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଘଟ ସ୍ଥାପନ, ସନ୍ଧ୍ୟା ଆଳତି, ହନୁମାନ ଚାଳିଶା ପାଠ ଏବଂ ମଙ୍ଗଳ ଆଳତି କରାଯାଇଥିଲା। କୈଳାସ ପଣ୍ଡା, ଶ୍ରୀନିବାସ ଦାସ, ବାବାଜୀ ଚରଣ ପଣ୍ଡା, ଶୁଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଟିନିବର ରୁ ଆସିଥିବା ମହିଳା ସଙ୍କୀର୍ତ୍ତନ ତଥା ଗମ୍ଭୁର ଘଣ୍ଟ ବାଦକଙ୍କ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ସାଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

## ବିଶ୍ୱ ହିନ୍ଦୁ ପରିଷଦର ସୌର୍ଯ୍ୟ ଦିବସ





ଜଟଣୀ,୧୨।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳରେ ଗୁରୁବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଜଟଣୀ ପ୍ରଖଣ୍ଡ ପକ୍ଷରୁ ଆୟୋଜିତ ଏହି ଦିବସରେ ବିଶ୍ୱ ହିନ୍ଦୁ ପରିଷଦ ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ବିଭାଗ ସମ୍ପାଦକଙ୍କ ନେତୃତ୍ୱରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ମା'ଡମଣେଇଙ୍କ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ଗୋ'ମାତାଙ୍କ ସୁରକ୍ଷା, ଭାରତକୁ ହିନ୍ଦୁ ରାଷ୍ଟ୍ର ସରକାରୀସ୍ତରରେ ଘୋଷଣା ଏବଂ ଦେଶ ବାହାରେ ରହୁଥିବା ହିନ୍ଦୁଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚରକୁ ରୋକିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ୧୯୯୨ ମସିହା ଗୀତା ଜୟନ୍ତୀ ଅବସରରେ ଉତ୍ତରପ୍ରଦେଶରେ ହଜାର ହଜାର କର ସେବକମାନେ ଯେଉଁଭଳି ଭାବେ ବେଆଇନ ବାବ୍ରି ମସଜିଦକୁ ଭାଙ୍ଗିଥିଲେ ସେଦିନର ଉକ୍ତ କର ସେବକମାନଙ୍କ ସୌର୍ଯ୍ୟକୁ ମନେପକାଇବା ପାଇଁ ସୌର୍ଯ୍ୟ ଦିବସ ପାଳନ କରାଯାଉଛି ବୋଲି ବିଶ୍ୱ ହିନ୍ଦୁ ପରିଷଦ ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ବିଭାଗ ସମ୍ପାଦକ ବିଭୁଦେନ୍ଦ୍ର ବିଦ୍ୟାଧର କହିଛନ୍ତି।

## ଭଞ୍ଜନଗର ମରାଠୀ ଏକାଦଶ, ଯାଜପୁରର ଡିଏଫ୍ଏ ବିଜୟୀ

ବୋଲଗଡ଼,୧୨।୧୨(ଦେବବ୍ରତ ହୋତା)

ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସ୍ଥାନୀୟ ଫ୍ରେଣ୍ଡ୍‌ସ କ୍ଲବ ଆନୁକୂଲ୍ୟରେ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନକଆଉଟ ଭିତ୍ତିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ ଦିବସରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ଅପରାହ୍ଣରେ ପ୍ରଥମ ମ୍ୟାଚ୍ ନୟାଗଡର ଯଦୁମଣି କ୍ଲବ ଏବଂ ଭଞ୍ଜନଗରର ମରାଠୀ ଏକାଦଶ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୪-୨ ଗୋଲରେ ଭଞ୍ଜନଗରର ମରାଠୀ ଏକାଦଶ ବିଜୟୀ ହୋଇଥିଲା। ସାମାଜିକକର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ବୋଲଗଡ଼ ମହୋତ୍ସବ କମିଟି ସମ୍ପାଦକ ବୀର ଦାସ, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ଏବଂ ଶ୍ରୀଧର ଦତ୍ତ ଉପସ୍ଥିତ ଥିଲେ। ସେହିପରି ଫ୍ଲଡ୍ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍ ବୌଦ୍ଧର ରକି ସ୍ପୋର୍ଟିଂ ଏବଂ ଯାଜପୁରର ଡିଏଫ୍ଏ ମଧ୍ୟରେ ହୋଇଥିଲା। ଏଥିରେ ୨-୦ ଗୋଲରେ ଯାଜପୁରର ଡିଏଫ୍ଏ ଟିମ୍ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ବିଡିଓ ଶରତ ମଲ୍ଲିକ ଏବଂ ଅତିଥିଭାବେ ସାମାଜିକକର୍ମୀ ତ୍ରିନାଥ ସ୍ୱାଇଁ, ସାନପଦର ସମିତିସଭ୍ୟ ଦିଲୀପ ମହାପାତ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ୍.ଏସ୍.ବେଗ, ଭଞ୍ଜକିଶୋର ଯତି, ସରୋଜ ମହାରଣା ଓ ଲକ୍ଷ୍ମୀଧର ଚୌଧୁରୀ ରେଫରିଭାବେ ପରିଚାଳନା କରିଥିଲେ। ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ମନମୋହନ କହଲସିଂ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥାଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ ବାଲିଗାଡ଼ିଆ କ୍ଲବ

ବେଗୁନିଆ,୧୨।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ନିଧିପୁର ଗ୍ରାମସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ମା'ଜାଗେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଲିଗାଡ଼ିଆ ଫୁଟ୍‌ବଲ କ୍ଲବ ଏବଂ ବାଜପୁର ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ୫-୩ ଗୋଲରେ ବାଲିଗାଡିଆ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ସରେ ଦୟାନିଧି ନାୟକ ଏବଂ କୃଷ୍ଣଚନ୍ଦ୍ର ବେହେରା ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅକ୍ଷୟ କୁମାର ମଙ୍ଗରାଜ ଏବଂ ସମ୍ମାନିତ ଅତିଥିଭାବେ ଆଇନଜୀବୀ ଲଲାଟ କେଶରୀ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମ୍ୟାଚର ଶୁଭାରମ୍ଭ କରିଥିଲେ। ଆୟୋଜକ କ୍ଲବର ସଭ୍ୟ ପପୁ ନାୟକ, ସାଗର ନାୟକ, ଟୁକୁନା ନାୟକ, ଭାଗ୍ୟଧର ପ୍ରଧାନ, ସୁଧିର ପ୍ରଧାନ, ମୁନା ନାୟକ, ବିକାଶ ନାୟକ, କାଳିଆ ନାୟକ, ସଞ୍ଜୟ ନାୟକ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ସେମିରେ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ଭୁବନେଶ୍ୱର

ଟାଙ୍ଗୀ,୧୨।୧୨(ରଘୁନାଥ ସାହୁ)

ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଦେବୀ ଦୁର୍ଗା କଲଚରାଲ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ଭୁବନେଶ୍ୱର ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଜେଏସ୍ଏସ୍‌ପିଏସ୍ ରାଞ୍ଚି ଝାଡ଼ଖଣ୍ଡ ଏବଂ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ଭୁବନେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ୮ ମିନିଟରେ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀର ତାରିଣୀ ନାୟକ ପ୍ରଥମ ଗୋଲ ଦେଇଥିଲେ। ପୁଣି ୧୬ ମିନିଟରେ ଏହି ଟିମ୍‌ର କୁନି ମୁଣ୍ଡା ଦ୍ୱିତୀୟ ଗୋଲ ଦେଇଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ୧୧ରେ ପୁଣି କୁନି ମୁଣ୍ଡା ଆଉ ଏକ ଗୋଲ ଦେଇଥିଲେ। ରାଞ୍ଚି ଟିମ୍‌ର ପୂଜା କୁମାରୀ ଗୋଟିଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟରେ ରାଞ୍ଚି ଟିମ୍ ଆଉ ଗୋଲ ଦେଇ ପାରି ନ ଥିଲା। ଫଳରେ ୩-୧ ଗୋଲରେ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ବିଜୟୀ ହୋଇଥିଲା। ଅତିଥିଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଡା.ମଧୁସୂଦନ ସେନାପତି, ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ଅବକାରୀ ବିଭାଗର ଅଫିସର ଅମରେନ୍ଦ୍ର ଶତପଥୀ, ରାମଚନ୍ଦ୍ର ଜେନା, ମନୋଜ ଜୟସିଂହ ଓ ସସ୍ମିତା ସେଠ, ଆଇନଜୀବୀ ନିରଞ୍ଜନ ଦାସ, କ୍ରୀଡ଼ା ସଭାପତି ଆଇନଜୀବୀ ତପନ ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରିଭାବେ ରୀନା ତିର୍କୀ ମ୍ୟାଚ୍ ପରିଚାଳନା କରିଥିଲେ। କୁନି ମୁଣ୍ଡା ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ।



## ଅଭିଯୁକ୍ତଙ୍କ ଗିରଫ ଦାବିରେ ପୋଲିସ ବିଟ୍ ହାଉସ ଆଗରେ ଧାରଣା

ବାଣପୁର,୧୨।୧୨(ଦିଲୀପ କୁମାର ସ୍ୱାଇଁ)





ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ଘାସେଡ଼ିହ ନୂଆସାହି ଏବଂ ଖଜୁରିଆ ଗ୍ରାମର ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ବିବାଦ ବଢ଼ିବାରେ ଲାଗିଛି। ଦୁଇଦିନ ପୂର୍ବେ ଖଜୁରିଆ ଗ୍ରାମର କେତେଜଣ ଯୁବକଙ୍କ ଆକ୍ରମଣରେ ନୂଆସାହିର ବିଶେଷ ସାହୁ ଗୁରୁତର ଆହତ ହୋଇଥିଲେ। ତେବେ ଘଟଣାର ଦୁଇ ଦିନ ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲା ନାହିଁ। ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ଗୁରୁବାର ନୂଆସାହିର ମହିଳାଙ୍କ ସମେତ ବହୁ ଗ୍ରାମବାସୀ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଆଗରେ ଧାରଣା ଦେଇଥିଲେ। ପ୍ରକାଶ ଯେ, ଘାସେଡିହ ନୂଆସାହି ଓ ଖଜୁରିଆ ଗ୍ରାମର ଦୁଇ ଯୁବଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଗତ ଦଶହରା ସମୟରେ ଗମ୍ଭାରୀମୁଣ୍ଡା ବଜାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଉଭୟ ଗ୍ରାମର ଦୁଇ ଯୁବଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଆଶିଷ ପ୍ରଧାନ ଆହତ ହୋଇଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଘଟଣାର ଆପୋଷ ସମାଧାନ ହେବା ସହ ଭବିଷ୍ୟତରେ ବିଶୃଙ୍ଖଳା ନ କରିବା ପାଇଁ ଉଭୟ ପକ୍ଷ ତହସିଲ କୋର୍ଟରେ ଚୁକ୍ତି କରିଥିଲେ। ତେବେ ଗତ ମଙ୍ଗଳବାରେ ନୂଆସାହିର ତିନିଜଣ ଯୁବକ ଖଜୁରୀଆ ଗ୍ରାମକୁ ରଙ୍ଗ କାମ କରିବାକୁ ଆସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖଜୁରିଆ ଗ୍ରାମର କେତେଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିବାରୁ ବିଶେଷ ସାହୁ ଗୁରୁତର ଆହତ ହୋଇଥିଲେ। ଏନେଇ ବିଶେଷଙ୍କ ମା' ଗୀତା ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଥିବା ବେଳେ ମାମଲା ପ୍ରତ୍ୟାହାର କରିନେବା ପାଇଁ ଅଭିଯୋଗକାରୀଙ୍କୁ ଧମକ ଦେଉଛନ୍ତି। ତେଣୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଗୁରୁବାର ଗୁରୁତର ବିଶେଷ ଙ୍କଙ୍କ ପରିବାର ସଦସ୍ୟଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଗମ୍ଭାରୀମୁଣ୍ଡା ବିଟ ହାଉସଠାରେ ଧାରଣା ଦେଇଥିଲେ। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ବିଟ୍ ହାଉସ ଅଧିକାରୀ କେଶବ ଚନ୍ଦ୍ର ବେହେରା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

